ସ୍ୱାଗତଂ ଓଡ଼ିଶା
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର

Dumani Khabar (Odia Daily)
Visit us: www.dumanikhabar.in • e-paper.dumanikhabar.in
DUMANI TV
Follow us:

ବର୍ଷ-୬ | ସଂଖ୍ୟା-୫୦ | ମଙ୍ଗଳବାର | ୧୩ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-50 | Tuesday | 13 May 2025 | Bhubaneswar | Pages-8 | Rs. 2.00

## ପାକିସ୍ତାନ ଓ ଆତଙ୍କୀ ସଂଗଠନକୁ କଡା ଚେତାବନୀ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୨।୫ (ହି.ସ): ପହଲଗାମ ନରସଂହାର ଓ 'ଅପରେସନ ସିନ୍ଦୂର' ପରେ ପ୍ରଥମଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶବାସୀଙ୍କୁ ସମ୍ବୋଧନ କରିବା ବେଳେ ସେ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି। ଏଣିକି ପାକିସ୍ତାନ ସହ ଯଦି କଥାବାର୍ତ୍ତା ହେବ, ତା'ହେଲେ କେବଳ ଆତଙ୍କବାଦ ଓ ପାକିସ୍ତାନ ଅଧିକୃତ କଶ୍ମୀର ଉପରେ ହେବ। ଏହା ଛଡ଼ା ଆଉ କୌଣସି ବିଷୟରେ ପାକିସ୍ତାନ ସହ ଭାରତ ଆଲୋଚନା କରିବ ନାହିଁ ବୋଲି ସୋମବାର ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଛନ୍ତି। ମୋଦି କହିଛନ୍ତି, ଆତଙ୍କବାଦ ବିରୋଧରେ ଆମର ଏକତା ସବୁଠୁ ବଡ଼ ଶକ୍ତି। ଆତଙ୍କବାଦ ବିରୋଧରେ ଶୂନ ସହନଶୀଳତା ଆମ ଗ୍ୟାରେଣ୍ଟି। ଯେଉଁ ଆତଙ୍କବାଦୀଙ୍କୁ ପାକିସ୍ତାନ ପ୍ରୋତ୍ସାହନ ଦେଉଛି, ଦିନ ସେମାନେ ହିଁ ଇସଲାମାବାଦକୁ ଧ୍ୱଂସ କରିବେ। ଆତଙ୍କବାଦ ଓ କଥାବାର୍ତ୍ତା ଏକସଙ୍ଗେ ଚାଲି ପାରିବନି। ଆତଙ୍କବାଦ ଓ ବାଣିଜ୍ୟ ଏକସଙ୍ଗେ ହୋଇପାରିବ ନାହିଁ। ଯଦି ପାକିସ୍ତାନ ସହ କଥା ହେବୁ ତେବେ ଆତଙ୍କବାଦ ନେଇ ହେବୁ। ଯଦି ପାକିସ୍ତାନ ସହ କଥାବାର୍ତ୍ତା ଭବିଷ୍ୟତରେ ହେବ, ତା'ହେଲେ ପିଓକେ ଉପରେ ହେବ ସେ କହିଛନ୍ତି। 'ଅପରେସନ ସିନ୍ଦୂର' ସମ୍ପର୍କରେ ମୋଦି କହିଛନ୍ତି, ଭାରତର ପରାକ୍ରମୀ ସେନାକୁ ସାଲ୍ୟୁଟ। ଗୁଇନ୍ଦା ସଂସ୍ଥା ଓ ବୈଜ୍ଞାନିକଙ୍କୁ ମଧ୍ୟ ସଲାମ। ଯବାନଙ୍କ ପରାକ୍ରମକୁ ଦେଶର ମାତାଙ୍କ ପାଇଁ ସମର୍ପିତ କରୁଛି। ପହଲଗାମରେ ଆତଙ୍କବାଦୀ ବର୍ବରକାଣ୍ଡ ଘଟାଇଲେ। ଛୁଟି କାଟିବାକୁ ଯାଇଥିବା ନିର୍ଦ୍ଦୋଷଙ୍କୁ ହତ୍ୟା କଲେ। ପରିବାର ସଦସ୍ୟଙ୍କ ଆଗରେ ଧର୍ମ ପଚାରି ହତ୍ୟା କଲେ। ଏହା ସବୁଠୁ ବଡ଼ ବୀଭତ୍ସ ଓ କ୍ରୁର ଥିଲା। ଆତଙ୍କବାଦ ବିରୋଧରେ ଲଢେଇ ପାଇଁ ପୂରା ଦେଶରେ ସ୍ୱର ଉଠିଥିଲା। ପୂରା ସମାଜ ଓ ସବୁ ରାଜନୀତି ଦଳ ଏନେଇ ଦାବି କରିଥିଲେ। ମା, ଭଉଣୀଙ୍କ ମୁଣ୍ଡରୁ ଯେଉଁ ସିନ୍ଦୂର ହଜିଥିଲା ତା'ର ପ୍ରତିଶୋଧ ନେଉଥିଲୁ। ମେ ୭ ସକାଳେ ପୂରା ବିଶ୍ୱ ଭାରତୀୟ ସେନାର ପରାକ୍ରମ ଦେଖିଛି। ପାକିସ୍ତାନର ଆତଙ୍କୀ ତାଲିମ୍ କେନ୍ଦ୍ରକୁ ସଠିକ୍ ଟାର୍ଗେଟ କଲୁ। ଆତଙ୍କବାଦୀମାନେ ସ୍ୱପ୍ନରେ ସୁଦ୍ଧା ଏହା ଭାବି ନଥିବେ। ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ମିଜାଇଲ୍ ମାଡ଼ ହେଲା। ବାହାବଲପୁର ଓ ମୁରଦିକେ ଭଳି ଆତଙ୍କୀ ଆଡ୍ଡାକୁ ମାଟିରେ ମିଶାଇଛୁ। ସବୁ ବଡ଼ ବଡ଼ ଆତଙ୍କୀ କାର୍ଯ୍ୟ ସହ ଏମାନେ ଜଡ଼ିତ ଥିଲେ। ଶହେରୁ ଅଧିକ କୁଖ୍ୟାତ ଆତଙ୍କବାଦୀ ନିପାତ ହୋଇଛନ୍ତି। ଖୋଲାଖୋଲି ଏମାନେ ପାକିସ୍ତାନରେ ବୁଲୁ ଥିଲେ। ଭାରତର ଏଭଳି କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନରେ ହତାଶା ଖେଳିଗଲା। ପାକିସ୍ତାନ ଆତଙ୍କବାଦ ବିରୋଧରେ ନ ଲଢି ଆମ ବିରୋଧରେ ଲଢିଲା। ସ୍କୁଲ, ଧର୍ମାନୁଷ୍ଠାନ ଓ ସାଧାରଣ ଲୋକଙ୍କ ଘରକୁ ଟାର୍ଗେଟ କଲା। ମାତ୍ର ଏଥିରେ ପାକିସ୍ତାନ ସଫଳ ହେଲାନି। ପାକିସ୍ତାନୀ ଡ୍ରୋନ୍, ମିଜାଇଲକୁ ଆମ ଏୟାର ଡିଫେନ୍ସ ଧ୍ୱଂସ କରି ଦେଇଛି। ପାଲଟା ଆକ୍ରମଣରେ ପାକିସ୍ତାନର ଏୟାରବେସ୍ ଧ୍ୱଂସ ପାଇଛି। ଏହାପରେ ପାକିସ୍ତାନ ବଞ୍ଚିବା ପାଇଁ ରାସ୍ତା ଖୋଜିଲା। ବିଶ୍ୱ ଦରବାରର ଦ୍ୱାରସ୍ଥ ହେଲା ପାକିସ୍ତାନ। ମେ ୧୦ରେ ଆମ ଡିଜିଏମ୍‌ଓଙ୍କୁ ଫୋନ୍ କଲା ପାକିସ୍ତାନ ସେନା। ମୁଁ ଏଠି • ପୃଷ୍ଠା ୭ ଦେଖନ୍ତୁ...

### ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳିତ

## ପଣ୍ଡିତ ମୂର୍ମୁ ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିକ୍ଷ ଓ ସଂସ୍କୃତିର ଅଭିଜ୍ଞାନ: ମୁଖ୍ୟମନ୍ତ୍ରୀ

### ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ ବର୍ଷ ବ୍ୟାପି ସାରା ରାଜ୍ୟରେ ହେବ

### ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ



ଭୁବନେଶ୍ୱର/ରାଇରଙ୍ଗପୁର, ୧୨।୫ (ଡିକେ ନ୍ୟୁଜ୍): ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ସୋମବାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହା ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ, ଡାଣ୍ଡବୋଷ ଅଞ୍ଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତି ପୀଠ ଭାବେ ପରିଣତ କରିବାକୁ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ ବର୍ଷ ବ୍ୟାପି ସାରା ରାଜ୍ୟରେ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ଏଥିସହିତ, ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକ ଗୁଡିକୁ ଜନାଦୃତ କରାଇବା ପାଇଁ, ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ ଏବଂ ତାଙ୍କ କର୍ମଭୂମି ଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିବା ସହିତ ଏହି ସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଣ୍ଡିତ ମୂର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିକ୍ଷ ଓ ସଂସ୍କୃତିର ଅଭିଜ୍ଞାନ। ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ପାଳନ କେବଳ ଜଣେ ଉଦ୍ଭାବକଙ୍କ ମାନସିକ ସୃଷ୍ଟିର ସମ୍ମାନ ନୁହେଁ, ବରଂ ଏହା ଏକ ଜନଜାତିର ଭାଷା, ସଂସ୍କୃତି ଓ ଅସ୍ମିତାର ଏକ ମୁକ୍ତ ଅଭିଯାନର ପରିଚୟ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ଆମେ ଅନେକ ସମୟରେ ଭାଷାକୁ କେବଳ ଯୋଗାଯୋଗର ସାଧନ ବୋଲି ଭାବୁ। କିନ୍ତୁ ଭାଷା ହେଉଛି ଅସ୍ମିତା, ଅସ୍ତିତ୍ୱ, ଓ ଅଭିମତର ପ୍ରତିନିଧି। ଯେଉଁ ସମାଜ ନିଜ ଭାଷାରେ ଗର୍ବ ଅନୁଭବ କରେ, ସେହି ସମାଜ ଆଗକୁ ବଢ଼େ। ଅଲଚିକି ଏହି ଗର୍ବର ପ୍ରତୀକ। ଏହା ମନୁଷ୍ୟକୁ ଶିକ୍ଷା, ସଂହତି, ଓ ସଂସ୍କୃତିରେ ଏକ ଜନଶକ୍ତି ରୂପେ ଗଢ଼ିଥାଏ। ଓଡ଼ିଶା ସରକାର ଏହି ଲିପି ଓ ସାନ୍ତାଳୀ ଭାଷା ପ୍ରତି ସଦା ଗଭୀର ଦୃଷ୍ଟି ଓ ପ୍ରଶ୍ରୟ ଦେଇଛି। ପ୍ରାଥମିକ ଶିକ୍ଷାରେ ସାନ୍ତାଳୀ ଭାଷାର ଅନୁଷ୍ଠାନ, ପାଠ୍ୟପୁସ୍ତକ ତିଆରି, ଶିକ୍ଷକ ପ୍ରଶିକ୍ଷଣ ଓ ଭାଷା ଶୋଧ କେନ୍ଦ୍ର ସୃଷ୍ଟି ଦ୍ୱାରା ଆମେ ଏହାକୁ ଆଗକୁ ନେଉଛୁ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ସାନ୍ତାଳ ସମାଜ ପାଇଁ ପଣ୍ଡିତ ମୁର୍ମୁ ଦେଖିଥିବା ପଥ ଆଜି ମଧ୍ୟ ଆଲୋକମୟ। ମୁଁ ଚାହେଁ ଯେ ଆମ ପିଢ଼ି ପିଢ଼ି ତାଙ୍କ ଦେଖିଥିବା ମୂଲ୍ୟବୋଧ, ଜ୍ଞାନ ଓ ସଂସ୍କୃତି ପ୍ରତି ପ୍ରେମକୁ ଅନୁସରଣ କରୁ। ଅନ୍ୟ ଭାଷା, ଅନ୍ୟ ଧର୍ମ, ଅନ୍ୟ ସଂସ୍କୃତି ପାଇଁ ସମ୍ମାନ ଓ ଆତ୍ମସମ୍ମାନ ହେଉ ସାମ୍ପ୍ରଦାୟିକ ସମନ୍ୱୟର ମୂଳ ଶକ୍ତି। ତାଙ୍କ ଦର୍ଶନ ଓ ଆଦର୍ଶକୁ ଆଗେଇନେବା ଆମ ସମସ୍ତଙ୍କର • ପୃଷ୍ଠା ୭ ଦେଖନ୍ତୁ...

## ହାଇକୋର୍ଟର ନୂଆ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ଦୀକ୍ଷିତ



ଭୁବନେଶ୍ୱର, ୧୨।୫ (ଡିକେ ନ୍ୟୁଜ୍): ହାଇକୋର୍ଟର ନୂଆ ବିଚାରପତି ଭାବେ ସୋମବାରଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ଜଷ୍ଟିସ ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ। କର୍ଣ୍ଣାଟକ ହାଇକୋର୍ଟରୁ ବଦଳି ହୋଇ ଆସିଥବା ଜଷ୍ଟିସ ଶ୍ରୀପଦ, ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନବ ନିଯୁକ୍ତ ବିଚାରପତି ଜଷ୍ଟିସ ଶ୍ରୀପଦଙ୍କୁ ଶପଥ ପାଠ କରାଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ, ୧୯୮୯ ମସିହାରେ ଜଣେ ଆଇନଜୀବୀ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। କର୍ଣ୍ଣାଟକ ଏବଂ ମାଡ୍ରାସ ହାଇକୋର୍ଟରେ ସେ ଜଣେ କଂଷ୍ଟିଚ୍ୟୁସନାଲ ଲୟର ଭାବେ ବେଶ ସୁନାମ ଅର୍ଜନ କରୁଥିଲେ। ତା ସହିତ ସମୟ କ୍ରମେ ସେ ଭାରତୀୟ ନିର୍ବାଚନ କମିଶନ, ୟୁନିଭର୍ସିଟି ଗ୍ରାଣ୍ଟ କମିଶନଙ୍କ ଓକିଲ ଭାବେ ବେଶ ଦକ୍ଷତାର ସହିତ କାମ କରିଛନ୍ତି। ୨୦୧୪ ମସିହାରେ ସେ ଆସିଷ୍ଟାଣ୍ଟ • ପୃଷ୍ଠା ୭ ଦେଖନ୍ତୁ...

## ଜୁନ୍ ୨୫ରେ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀ

ଭୁବନେଶ୍ୱର, ୧୨।୫ (ଡିକେ ନ୍ୟୁଜ୍): ଓଡ଼ିଶା ହୋଟେଲ ଓ ରେଷ୍ଟୁରାଷ୍ଟ ସଂଘ (ହାରୋ) ପକ୍ଷରୁ ଜୁନ୍ ୨୫ ତାରିଖ ଦିନ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଯୋଗ ଦେଇ ସମ୍ମିଳନୀକୁ ସମ୍ବୋଧନ କରିବେ। ହାରୋ ଆଜୀବନ ଅଧ୍ୟକ୍ଷ ଜେକେ ମହାନ୍ତି କହିଛନ୍ତି, ପର୍ଯ୍ୟଟନ ଓ ଶିଳ୍ପ ଜଗତର ଖ୍ୟାତନାମା ବ୍ୟକ୍ତିବିଶେଷ, ଟୁର୍ ଅପରେଟର୍, ଟ୍ରାଭେଲ ଏଜେଣ୍ଟ, ଶିକ୍ଷାବିତ, ପ୍ରଶାସକ, ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେଇ ନିଜ ନିଜ ମତ ରଖିବେ। ସମସ୍ତଙ୍କ ମତ, ପ୍ରସ୍ତାବ ଆଦିକୁ ନେଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ସହ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଲକ୍ଷ୍ୟ ପୂରଣ ନିମନ୍ତେ ଉପଯୋଗ ହୋଇପାରିବ। ସେହିପରି ଓଡ଼ିଶା ପର୍ଯ୍ୟଟନ ନୀତି ପ୍ରଣୟନ ଦିଗରେ ମଧ୍ୟ ଏହା ସହାୟକ ହେବ ବୋଲି ଶ୍ରୀ ମହାନ୍ତି ମତବ୍ୟକ୍ତ କରିଛନ୍ତି।

### ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଇସ୍ରୋ ମୁଖ୍ୟଙ୍କ ବଡ଼ ବୟାନ

## 'ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୧୦ଟି ଉପଗ୍ରହ ନିରନ୍ତର କାମ କରୁଛି'

ନୂଆଦିଲ୍ଲୀ, ୧୨।୧୦ (ହି.ସ): ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି ନାରାୟଣନ କହିଛନ୍ତି ଯେ ଦେଶର ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରଣନୈତିକ ଉଦ୍ଦେଶ୍ୟରେ ୧୦ଟି ଉପଗ୍ରହ ନିରନ୍ତର କାର୍ଯ୍ୟ କରୁଛି। ରବିବାର ମଣିପୁରର ରାଜଧାନୀ ଇମ୍ଫାଲରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଭାଷଣ ଦେଇ ସେ କହିଛନ୍ତି ଯେ ଭାରତ ଏକ ଜୀବନ୍ତ ମହାକାଶ ଶକ୍ତି ହେବାକୁଯାଉଛି ଏବଂ ୨୦୪୦ ସୁଦ୍ଧା ଏହାର ପ୍ରଥମ ମହାକାଶ କେନ୍ଦ୍ର ଅର୍ଥାତ ସ୍ପେଶ୍ ଷ୍ଟେସନ ହେବ। ଏହି କାର୍ଯ୍ୟକ୍ରମ ସମୟରେ, ଇସ୍ରୋ ମୁଖ୍ୟ କହିଥିଲେ, ଆଜି, ୩୪ଟି ଦେଶର ୪୩୩ଟି ଉପଗ୍ରହ ଭାରତରୁ ଉଠାଯାଇ କକ୍ଷପଥରେ ସ୍ଥାପିତ କରାଯାଇଛି। ମୁଁ ଆପଣଙ୍କୁ ଏହା ମଧ୍ୟ କହି ଖୁସି ଯେ ଆଜି, ଦେଶର ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରଣନୈତିକ ଉଦ୍ଦେଶ୍ୟରେ ୧୦ଟି ଉପଗ୍ରହ ନିରନ୍ତର କାର୍ଯ୍ୟ କରୁଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ କାର୍ଯ୍ୟକଳାପ ମଧ୍ୟରେ ତାଙ୍କର ଇସ୍ରୋ ମୁଖ୍ୟଙ୍କ ଏପରି କିଛି ମନ୍ତବ୍ୟ ଆସିଛି। ଗତ ମାସରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଦେଶ ମେ ୬ ଏବଂ ୭ ରାତିରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା। ଏହା ପରେ, ଭାରତ ଏବଂ ପାକିସ୍ତାନ ଶନିବାର ସ୍ଥଳ, ବାୟୁ ଏବଂ ସମୁଦ୍ରରେ ସମସ୍ତ ଗୁଳିମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ବନ୍ଦ କରିବା ପାଇଁ ଏକ ଚୁକ୍ତିନାମାରେ ପହଞ୍ଚିବାକୁ ଘୋଷଣା କରିଥିଲେ। ନାରାୟଣନ୍ ଆହୁରି ମଧ୍ୟ କହିଛନ୍ତି, ଯଦି ଆମକୁ ଆମ ଦେଶର ସୁରକ୍ଷା ସୁନିଶ୍ଚିତ କରିବାକୁ ହେବ, ତେବେ ଆମକୁ ମଧ୍ୟ ଆମର ଉପଗ୍ରହ ମାଧ୍ୟମରେ ସେବା ଯୋଗାଇବାକୁ ପଡ଼ିବ। ଆମକୁ ଆମର ୭୦୦୦ କିଲୋମିଟର ଲମ୍ବ ଉପକୂଳ ଉପରେ ନଜର ରଖିବାକୁ ପଡ଼ିବ। ଆମକୁ ସମଗ୍ର ଉତ୍ତର ଭାଗ ଉପରେ ନିରନ୍ତର ନଜର ରଖିବାକୁ ପଡ଼ିବ। ସାଟେଲାଇଟ ଏବଂ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ବିନା, ଆମେ ଏହା ହାସଲ କରିପାରିବୁ ନାହିଁ। ସେ କହିଛନ୍ତି ଯେ ଇସ୍ରୋ ଜଳବାୟୁ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ଅଧ୍ୟୟନ ଏବଂ ପାଣିପାଗ ଉପରେ ନଜର ରଖିବା ପାଇଁ ଏ୨୦ ଦେଶମାନଙ୍କ ପାଇଁ ଏକ ଉପଗ୍ରହ ବିକଶିତ କରୁଛି। ସେ କହିଥିଲେ, ଆଜି, ଆମେ ନୂଆ ଆବଶ୍ୟକତା ଏବଂ ଟେକ୍ନୋଲୋଜୀ ଆଧାରରେ ଆମ ପାଇଁ ଏବଂ ଆଗାମୀ ପିଢ଼ିଙ୍କ ପାଇଁ ନୂଆ ପ୍ରକ୍ଷେପଣ ଯାନ ବିକଶିତ କରିଛୁ। ୧୯୭୫ ମସିହାରେ ଆମର ପ୍ରଥମ ଉପଗ୍ରହ ନିର୍ମାଣ ହୋଇଥିଲା। ସେବେଠାରୁ, ଆଜି ପର୍ଯ୍ୟନ୍ତ ଆମେ ବିଭିନ୍ନ ପ୍ରକାର ଏବଂ କ୍ଷମତାର ୧୩୧ଟି ଉପଗ୍ରହ ଚିନ୍ତା କରି ନିର୍ମାଣ କରିଛୁ। ସେ କହିଥିଲେ ଯେ ଭାରତ ଏବଂ ଆମେରିକା ମିଳିତ ଭାବରେ ଏକ ମହଙ୍ଗା ଏବଂ ଉନ୍ନତ ଆର୍ଥ ଇମେଜିଂ ସାଟେଲାଇଟ ନିର୍ମାଣ କରିବୁ, ଯାହାକୁ ଭାରତରୁ ହିଁ ଉତ୍କ୍ଷେପଣ କରାଯିବ। ଇସ୍ରୋ ମୁଖ୍ୟ କହିଛନ୍ତି ଯେ ସ୍ୱାଧୀନତା ପରଠାରୁ ଦେଶ ଦ୍ୱାରା କରାଯାଇଥିବା ଅଗ୍ରଗତି ଅଭୂତପୂର୍ବ ଏବଂ ଉଲ୍ଲେଖନୀୟ। ନାରାୟଣନ୍ ପୁଣି ମନେ ପକାଇ କହିଛନ୍ତି, ୧୯୬୯ ଏକ ଐତିହାସିକ ବର୍ଷ ଥିଲା କାରଣ ସେହି ବର୍ଷ ଭାରତୀୟ ମହାକାଶ ଗବେଷଣା ସଂଗଠନର ଗଠନ ହୋଇଥିଲା। ଆମେ ଯେତେବେଳେ ଆମର ମହାକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ, ସେତେବେଳେ ଆମେ ଉନ୍ନତ ଦେଶମାନଙ୍କଠାରୁ ୭୦ ବର୍ଷ ପଛରେ ଥିଲୁ। ଆମର କୌଣସି ଉପଗ୍ରହ ପ୍ରଯୁକ୍ତିବିଦ୍ୟା ନଥିଲା। ନାରାୟଣନ୍ ପୁଣି କହିଛନ୍ତି ଯେ, ଦେଶକୁ ପ୍ରତ୍ୟେକ ଦିଗରେ ବିକାଶର ଆବଶ୍ୟକତା ଅଛି ଏବଂ କୃଷି ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆଜି ଆପଣମାନେ ଯେଉଁ ଡିଗ୍ରୀ ପାଇଛନ୍ତି ତାହା ଜାତୀୟସ୍ତରରେ ଗୁରୁତ୍ୱପୂର୍ଣ୍ଣୟ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଆପଣମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।







## ୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ



ଭୁବନେଶ୍ୱର, ୧୨।୫ (ଡିକେ ନ୍ୟୁଜ୍): ୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ମୌସୁମୀ ବାୟୁ ଅଗ୍ରସର ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନକୂଳ ଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୋମବାର ସୂଚନା ମିଳିଛି। ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ଛୁଇଁବ ମୌସୁମୀ ବାୟୁ। ଭାରତରେ ମୌସୁମୀ ଋତୁର ଆରମ୍ଭକୁ ସୂଚିତ କରୁଥିବା, ଭାରତ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ମିଳିଥିବା ସୂଚନାନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ' ୧୩ (ମଙ୍ଗଳବାର) ସୁଦ୍ଧା ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହି ପ୍ରାରମ୍ଭିକ ଗତି ମାନକ ପାଣିପାଗ କ୍ୟାଲେଣ୍ଡର ସହିତ ସମାନ, ଯାହା ସାଧାରଣତଃ ପ୍ରତିବର୍ଷ ଏହି ସମୟରେ ମୌସୁମୀ ଆଣ୍ଡାମାନ ଅଞ୍ଚଳରେ ପହଞ୍ଚିବ ବୋଲି ଆଶା କରାଯାଏ। ଆଇଏମଡିର ସୂଚନାନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଏବଂ ଅନ୍ୟାନ୍ୟ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ। ପାଣିପାଗ ବିଜ୍ଞାନୀମାନେ • ପୃଷ୍ଠା ୭ ଦେଖନ୍ତୁ...



# ଚଳିତ ଆର୍ଥିକ ବର୍ଷ ୬.୫% ବଢ଼ିବ ଭାରତ, ଅର୍ଥନୀତି ଉପରେ ଯୁଦ୍ଧ ପ୍ରଭାବ କମ୍ : ସିଆଇଆଇ ଅନୁମାନ

**ନୂଆଦିଲ୍ଲୀ,(ହି.ସ):** ଚଳିତ ଆର୍ଥିକ ବର୍ଷ ଘରୋଇ ବଜାରର ଅଭିବୃଦ୍ଧି ୬.୫% ଛୁଇଁବାର ସମ୍ଭାବନା ରହିଛି। ଯୁଦ୍ଧ ଯୋଗୁ ଦେଶର ଅର୍ଥନୀତି ଉପରେ ସ୍ୱଳ୍ପମିଆଦି ପ୍ରଭାବ ରହିବ ବୋଲି ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଅଧକ୍ଷ ସଞ୍ଜୀବ ପୁରୀ କହିଛନ୍ତି। ଶ୍ରୀ ପୁରୀ କହିଛନ୍ତି, ବ୍ୟବସାୟ କ୍ଷେତ୍ରରେ ରହିଥିବା ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ଦେଶର ରାଷ୍ଟ୍ରୀୟ ହିତକୁ ନଜରରେ ରଖି ବାଣିଜ୍ୟିକ ଅଂଶୀଦାରଙ୍କ ସହ ଚୁକ୍ତି କରିବା ଆବଶ୍ୟକତା ରହିଛି। ଶକ୍ତି, ପରିବହନ, ଧାତବ, ରସାୟନ ଏବଂ ହସ୍ପିଟାଲିଟି ଭଳି ବିଭିନ୍ନ କ୍ଷେତ୍ରରେ ଘରୋଇ ନିବେଶକୁ ଧ୍ୟାନ ରଖିବାକୁ ହେବ। ଯୁଦ୍ଧ ଯୋଗୁ ଅନିଶ୍ଚିତତା ଲାଗି ରହିଥିବାରୁ ନିବେଶ କ୍ଷେତ୍ରରେ କିଛି ସମସ୍ୟା ଆସିପାରେ। ଦେଶ ୬.୫% ଜିଡିପି ଲକ୍ଷ୍ୟ ହାସଲ କରିବାରରେ ସମ୍ଭାବନା ରହିଛି। କାରଣ ଭାରତ ଆର୍ଥିକ ଢ଼ାଞ୍ଚା ବେଶ ଦୃଢ଼ ରହିଛି। ଶ୍ରୀ ପୁରୀ କହିଛନ୍ତି, ନିକଟରେ ଆରବିଆଇ ସୁଧହାର ହ୍ରାସ କରିଛି। ମୁଦ୍ରାସ୍ଫୀତି ଏତେଟା ଚିନ୍ତାଜନକ ନୁହେଁ। ଏଥିରେ ସମୟ ସହ ହ୍ରାସ



ହୋଇଛି। ଏପ୍ରିଲ ପହିଲାରୁ ଲୋକଙ୍କୁ ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ରିହାତି ମିଳିଛି। ଗତ ବର୍ଷକୁ ଦେଖିଲେ ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କ୍ଷେତ୍ରରେ ନିବେଶ ବୃଦ୍ଧି ହେଉଛି। ଟ୍ରମ୍ପଙ୍କ ଟାରିଫ ଏବଂ ବିଶ୍ୱ ସ୍ତରର ବାଣିଜ୍ୟିକ କଟକଣା ଯୋଗୁ ବ୍ୟବସାୟ ପାଇଁ ବିଭିନ୍ନ ବାଧା ରହୁଛି। ଏଭଳି ସ୍ଥିତିରେ ଦେଶର ସ୍ୱାର୍ଥକୁ ନଜରରେ ରଖି ଦ୍ୱିପାକ୍ଷିକ କାରବାରକୁ ଦେଶ ଆହୁରି ଦୃଢ଼ କରିବାର ଆବଶ୍ୟକତା ରହିଛି। ଆମେରିକା ଏବଂ ୟୁରୋପୀୟ ସଂଘ ଭଳି ଦେଶଗୁଡ଼ିକ ସହ କାରବାର ବେଶ ଗୁରୁତ୍ୱ ରଖେ। ଏ କ୍ଷେତ୍ରରେ ଦ୍ୱିପାକ୍ଷୀକ ବାଣିଜ୍ୟ ଚୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ବିଭିନ୍ନ କ୍ଷେତ୍ରରେ ପ୍ରତିସ୍ପର୍ଦ୍ଧା ବଢ଼ାଇବା ଲାଗି ତ୍ରିସ୍ତରୀୟ ସଂରଚନା ନିର୍ମାଣ କରିବା ଲାଗି ଶ୍ରୀ ପୁରୀ ପରାମର୍ଶ ଦେଇଛନ୍ତି। କୃଷି, ଜଳବାୟୁ, ପରିବର୍ତ୍ତନ ଏବଂ ଶିକ୍ଷ ଅନୁକୂଳ ବାତାବରଣ ଉପରେ ଆହୁରି ଅନେକ କାମ କରିବାକୁ ହେବ। ସେହିଭଳି ଅଭିବୃଦ୍ଧି ଏବଂ ପ୍ରତିସ୍ପର୍ଦ୍ଧା ଘରୋଇ ବଜାର ଲାଗି ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବାରୁ ଏହା ଉପରେ ଅଧିକ ପଦକ୍ଷେପ ଲୋଡ଼ା। ଆଗାମୀ ଦିନରେ ସୁଧହାର ଆହୁରି ହ୍ରାସ ହୋଇପାରେ। ଏବେ ଗ୍ରାମୀଣ ଚାହିଦା ବଢୁଛି। ସହରୀ ଚାହିଦା ସାମାନ୍ୟ ସ୍ଥିର ରହିଛି। ଆଗାମୀ କିଛି ମାସରରେ ଏଥିରେ ବୃଦ୍ଧି ପରିଲକ୍ଷିତ ହେବ। ଉଲ୍ଲେଖଯୋଗ୍ୟ, ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଉଭା ହୋଇଛି। ଏହି ଧାରାକୁ ଦେଶ ବଜାୟ ରଖିବ ବୋଲି ବିଶ୍ୱ ବ୍ୟାଙ୍କ ସହ ବିଶ୍ୱର ଅନ୍ୟ ପ୍ରମୁଖ ଏଜେନ୍ସି ଗୁଡ଼ିକ ଅନୁମାନ କରିଛନ୍ତି। ଘରୋଇ ବଜାରର ଦ୍ରୁତ ଚାହିଦା, ନିବେଶରେ ବୃଦ୍ଧି ଏବଂ ସେବା କ୍ଷେତ୍ରର ଉଲ୍ଲେଖନୀୟ ଯୋଗଦାନ ଯୋଗୁ ଏହା ଅର୍ଥନୀତିକୁ ଊର୍ଦ୍ଧ୍ୱମୁଖୀ କରିବାରେ ସହାୟକ ହେଉଛି। ସେହିଭଳି ଘରୋଇ ବଜାର ୨୦୨୫ରେ ବିଶ୍ୱର ୪ର୍ଥ ବୃହତ୍ତ ଅର୍ଥନୀତି ହେବ ବୋଲି ଆକଳନ କରାଯାଇଛି। ଜାପାନକୁ ଭାରତ ଟପିବ। ଦେଶର ନୋମିନାଲ ଜିଡିପି ୪.୧୮୭ ଟ୍ରିଲିୟନ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି।

# ଯୁଦ୍ଧରେ ବି ମ୍ୟୁଚୁଆଲ୍ ଫଣ୍ଡ୍‌ରେ ରେକର୍ଡ ନିବେଶ

**ମୁମ୍ବଇ,(ହି.ସ):** ସମ୍ପ୍ରତି ଦେଶରେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ (ଏସ୍‌ଆଇପି)ର ଚାହିଦା ବଢ଼ିବାରେ ଲାଗିଛି। ଭାରତରେ ଏସ୍‌ଆଇପି ନିବେଶ ଏକ ନୂତନ ରେକର୍ଡସ୍ତରରେ ପହଞ୍ଚିଛି। ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍ ଇନ୍ ଇଣ୍ଡିଆ (ଏଏମ୍‌ଏଫ୍‌ଆଇ)ର ରିପୋର୍ଟ ଅନୁଯାୟୀ, ଏପ୍ରିଲ ୨୦୨୫ରେ ଏସ୍‌ଆଇପି ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡରେ ମୋଟ ୨୬୬୩୨ କୋଟି ଟଙ୍କାର ପୁଞ୍ଜି ପ୍ରବାହ ରେକର୍ଡ କରାଯାଇଛି। ଯାହା ଏପର୍ଯ୍ୟନ୍ତ ସର୍ବାଧିକ। ଏହି ସମୟ ମଧ୍ୟରେ ପ୍ରାୟ ୮.୩୮ କୋଟି ନିବେଶକ ଏସ୍‌ଆଇପିରେ ଅଂଶଗ୍ରହଣ କରିଥିଲେ, ଯାହା ଦର୍ଶାଉଛି ଯେ ଏସ୍‌ଆଇପି ନିବେଶର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏମିତିକି 'ଅପରେସନ୍ ସିନ୍ଦୂର' ସମୟରେ ବି ଦେଶରେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ରେକର୍ଡ ନିବେଶ ହୋଇଥିବା ଜଣାପଡିଛି। ଇକ୍ୱିଟି ପାଣ୍ଠିରେ ହ୍ରାସ, କିନ୍ତୁ ଏସ୍‌ଆଇପିରେ ବୃଦ୍ଧି ଏସ୍‌ଆଇପି ନିବେଶରେ ଏକ ନୂତନ ରେକର୍ଡ ସୃଷ୍ଟି ହୋଇଥିଲେ ମଧ୍ୟ, ଅନ୍ୟପକ୍ଷରେ ଇକ୍ୱିଟି ପାଣ୍ଠିର ପ୍ରଦର୍ଶନ କିଛିଟା ଦୁର୍ବଳ ରହିଥିଲା। ଏପ୍ରିଲ ୨୦୨୫ରେ ଇକ୍ୱିଟି ସ୍କିମରେ ପୁଞ୍ଜି ପ୍ରବାହ ହ୍ରାସ ପାଇ ୨୪୨୬୯ କୋଟି ଟଙ୍କା ହୋଇଛି, ଯାହା ଗତ ୧୨ ମାସ ମଧ୍ୟରେ ସର୍ବନିମ୍ନସ୍ତର। ସ୍ମଲ-କ୍ୟାପ୍ ଯୋଜନାଗୁଡ଼ିକରେ ପ୍ରବାହ ୨.୩% ହ୍ରାସ ପାଇ ୩,୯୯୯ କୋଟି ଟଙ୍କାରେ ପହଞ୍ଚିଛି। ଯେତେବେଳେ କି ମିଡ୍-କ୍ୟାପ୍ ଯୋଜନାଗୁଡ଼ିକରେ ମଧ୍ୟ ୩.୬% ହ୍ରାସ ଘଟିଛି। ଅପରପକ୍ଷେ ଲାର୍ଜ-କ୍ୟାପ୍ ଫଣ୍ଡଗୁଡ଼ିକରେ ସାମାନ୍ୟ ଲାଭ ହୋଇଛି, ଯାହାର ପରିମାଣ ୨,୬୭୧ କୋଟି ଟଙ୍କା ରହିଛି। କ୍ଷେତ୍ରୀୟ ଏବଂ ବିଷୟବସ୍ତୁ ପାଣ୍ଠି ପ୍ରତି ନିବେଶକଙ୍କ ଆଗ୍ରହ ବୃଦ୍ଧି ପାଇଛି ଏବଂ ଏଥିରେ ମୋଟ ୨୦୦୧ କୋଟି ଟଙ୍କାର ପ୍ରବେଶ ରେକର୍ଡ କରାଯାଇଛି। ବିଶେଷ କଥା ହେଉଛି ଏହି ବୃଦ୍ଧି କୌଣସି ନୂତନ ଏନ୍‌ଏଫ୍‌ଓ (ନୂତନ ପାଣ୍ଠି ଅଫର) ଯୋଗୁଁ ନୁହେଁ ବରଂ ନିବେଶକଙ୍କ ବର୍ଦ୍ଧିତ ଆଗ୍ରହ ଯୋଗୁଁ ହୋଇଛି। ହାଇବ୍ରିଡ୍ ପାଣ୍ଠିର ରିଟର୍ଣ୍ଣ ଏବଂ ସୁନା ଇଟିଏଫ୍ ହ୍ରାସ ଏପ୍ରିଲ ମାସରେ ଗୋଲ୍ଡ ଇଟିଏଫରୁ ୫.୮୨ କୋଟି ଟଙ୍କାର ସାମାନ୍ୟ ପ୍ରବାହ ହୋଇଥିଲା। ଏହାର ମୁଖ୍ୟ କାରଣ ହେଉଛି ନିବେଶକମାନେ ସୁନାର ସର୍ବୋଚ୍ଚ ସ୍ତରରେ ଲାଭ ବୁକ୍ କରିଥିଲେ। ଅନ୍ୟପକ୍ଷରେ, ହାଇବ୍ରିଡ୍ ପାଣ୍ଠି, ବିଶେଷକରି ଆର୍ବିଟ୍ରେଜ୍ ସ୍କିମ୍, ୧୧,୦୦୦ କୋଟି ଟଙ୍କାର ପ୍ରବେଶ ରେକର୍ଡ କରିଛି। ଏହା ଦର୍ଶାଉଛି ଯେ ହାଇବ୍ରିଡ୍ ପାଣ୍ଠି ଏବେ ନିବେଶକମାନଙ୍କ ପାଇଁ ଏକ ସୁରକ୍ଷିତ ପାର୍କିଂ ସ୍ଥାନ ପାଲଟିଛି, ଯେଉଁଠାରେ ସେମାନେ ଅସ୍ଥାୟୀ ଭାବରେ ସେମାନଙ୍କର ପୁଞ୍ଜି ରଖିପାରିବେ।

# ଅସ୍ତ୍ରବିରତି ପରେ ଷ୍ଟକ୍ ବଜାରକୁ ଫେରିଲା ଉତ୍ସାହ




**ନୂଆଦିଲ୍ଲୀ,(ହି.ସ):** ଷ୍ଟକ୍ ବଜାରକୁ ଫେରିଲା ଉତ୍ସାହ। ଶୁକ୍ରବାର ଷ୍ଟକ୍ କାରବାର ବନ୍ଦ ହେବା ବେଳକୁ ସେନସେକ୍ସ ହ୍ରାସ ପାଇଥିବା ବେଳେ ଆଜି ମାର୍କେଟ ଖୋଲିବା ପରେ ସେନସେକ୍ସ ଉପରମୁହାଁ ହୋଇଥିବା ଦେଖାଯାଇଛି। ଭାରତ-ପାକ୍ ଯୁଦ୍ଧବିରତିର ପ୍ରଭାବ ଭାରତୀୟ ସେୟାର ବଜାର ଉପରେ ଦେଖିବାକୁ ମିଳିଥିବା ବେଳେ ସେନସେକ୍ସ ଖୋଲିବା ମାତ୍ରେ ୮୧,୦୦୦ ଉପରେ କାରବାର କରୁଥିବା ଦେଖାଯାଇଥିଲା। ଶୁକ୍ରବାର ଦିନ ଏକ ବଡ଼ ହ୍ରାସ ଦେଖିଥିବା ସେନସେକ୍ସ ଏବଂ ନିଫ୍ଟିରେ ସୋମବାର ଏକ ବଡ଼ ବୃଦ୍ଧି ଘଟିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦-ସେୟାର ସୂଚକାଙ୍କ, ସେନସେକ୍ସ, ଖୋଲିବାର ଅଧ ଘଣ୍ଟା ପରେ ୨୨୮୭ପଏଣ୍ଟ ବୃଦ୍ଧି ସହିତ କାରବାର ଆରମ୍ଭ କରିଥିଲା। ଏହା ସହ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୬୯୧ପଏଣ୍ଟ ବୃଦ୍ଧି ପାଇଛି। ସୋମବାର ଦିନ ଷ୍ଟକ୍ ବଜାରରେ ଅଭିବୃଦ୍ଧି ଘଟିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଏସୀୟ ବଜାରରେ ବୃଦ୍ଧି ପରେ, ବିଏସଇ ସେନସେକ୍ସ ୮୦,୮୦୩.୮୦ରେ କାରବାର ଆରମ୍ଭ କରିଥିଲା। ଯାହା ଶୁକ୍ରବାର ବନ୍ଦ ହୋଇଥିବା ପଏଣ୍ଟଠାରୁ ୧୫୦୦ପଏଣ୍ଟ ଅଧିକ ଥିଲା। କିଛି ମିନିଟ୍ ମଧ୍ୟରେ ଏହା ୧୯୨୬ ପଏଣ୍ଟ ବୃଦ୍ଧି ପାଇ ୮୧,୩୮୦ରେ ପହଞ୍ଚିଥିଲା। ସେନସେକ୍ସ ସହିତ, ଏନଏସଇ ନିଫ୍ଟି ମଧ୍ୟ ୨୪,୪୨୦ରେ ଖୋଲିଥିଲା, ଯାହା କିଛି ସମୟ ମଧ୍ୟରେ ୫୮୨.୭୫ ପଏଣ୍ଟ ବୃଦ୍ଧି ସହିତ ୨୪,୫୯୩.୭୫ରେ ପହଞ୍ଚିବା ସହ ଅଧ ଘଣ୍ଟା ମଧ୍ୟରେ ୬୯୧.୮୫ ପଏଣ୍ଟ କିମ୍ବା ୨.୮୮% ବୃଦ୍ଧି ପାଇ ୨୪,୬୯୯.୮୫ ପଏଣ୍ଟରେ ପହଞ୍ଚିଥିଲା।

# ଆଇଏମ୍‌ଏଫ୍ ସଂସ୍କାର ଦାବି ଜୋର ଧରିଲା

**ନୂଆଦିଲ୍ଲୀ,(ହି.ସ):** ଯୁଦ୍ଧ ଭଳି ଏକ ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ପାକିସ୍ତାନକୁ ଋଣ ମଞ୍ଜୁର କରି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ବିବାଦୀୟ ହୋଇପଡ଼ିଛି। ଏହାର କାର୍ଯ୍ୟଶୈଳୀ ଓ ନିଷ୍ପତ୍ତି ବ୍ୟବସ୍ଥାରେ ତୁରନ୍ତ ସଂସ୍କାର ଆଣିବାକୁ ବିଶେଷଜ୍ଞମାନେ ଦାବି କରିଛନ୍ତି। ପାକିସ୍ତାନକୁ ବାରମ୍ବାର ପୁନରୁଦ୍ଧାର ପ୍ୟାକେଜ୍ ମଞ୍ଜୁର କରିବାର କ'ଣ ଲାଭ ମିଳୁଛି ତାହା ଆଇଏମ୍‌ଏଫ୍ ଜାଣିବାକୁ ପ୍ରୟାସ କରିବା ଦରକାର। ଭାରତୀୟ ଅଧିକାରୀମାନେ ମଧ୍ୟ ଆଇଏମ୍‌ଏଫ୍ କର୍ମଚାରୀମାନଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ କରିବାର ଆବଶ୍ୟକତା ରହିଛି। ପାକିସ୍ତାନକୁ ଦିଆଯାଉଥିବା ପାଣ୍ଠିକୁ ତାହା ଆତଙ୍କବାଦୀ କାର୍ଯ୍ୟକଳାପରେ ବ୍ୟବହାର କରୁଥିବା ନେଇ ଭାରତ ଅଭିଯୋଗ କରୁଛି। ସେଥିରେ କ'ଣ ସତ୍ୟତା ରହିଛି ତାହା ଜାଣିବା ଲାଗି ଆଇଏମ୍‌ଏଫ୍ ଉଦ୍ୟମ କରିବା ଉଚିତ ବୋଲି ବିଶେଷଜ୍ଞମାନେ




କହିଛନ୍ତି। ଜାତୀୟ ପରିସଂଖ୍ୟାନ ଆୟୋଗର ପୂର୍ବତନ ଅଧକ୍ଷ ପ୍ରଣବ ସେନ୍ କହିଛନ୍ତି ଯେ ଯେତେବେଳେ କେଣସି ଦେଶକୁ ଆଇଏମ୍‌ଏଫ୍ ପାଣ୍ଠି ମଞ୍ଜୁର କରେ, ତା ସହିତ କିଛି ସର୍ତ୍ତ ରହିଥାଏ। ସେହି ସର୍ତ୍ତ ପାଳନ କରିବା ପରେ ହିଁ ପରବର୍ତ୍ତୀ କିସ୍ତି ମିଳିଥାଏ। ପାକିସ୍ତାନକୁ ପାଣ୍ଠି ଦେବା ପ୍ରସ୍ତାବକୁ ଭାରତ ବିରୋଧ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି। ଆଇଏମ୍‌ଏଫ୍‌ରେ ଆମେରିକାରେ ବହୁତ ପ୍ରଭାବ ରହିଛି। ତେଣୁ ପାକିସ୍ତାନକୁ ଆମେରିକା କେଉଁ ଭଳି ଭାବେ ଦେଖୁଛି, ତାହା ଉପରେ ତାକୁ ପାଣ୍ଠି ମିଳିବା ନିର୍ଭର କରିବ। ମାଡ୍ରାସ୍ ସ୍କୁଲ୍ ଅଫ୍ ଇକୋନମିକ୍ସର ନିର୍ଦ୍ଦେଶକ ଏନ୍ ଆର୍ ଭାନୁମୂର୍ତ୍ତି କହିଛନ୍ତି ଯେ ଆଇଏମ୍‌ଏଫ୍ ପାଣ୍ଠି ଦେବା ବ୍ୟବସ୍ଥାରେ ସଂସ୍କାର ଆଣିବାର ଏହା ହେଉଛି ସବୁଠୁ ଉପଯୁକ୍ତ ସମୟ। ପୁନରୁଦ୍ଧାର କାର୍ଯ୍ୟକ୍ରମ କେତେ ପ୍ରଭାବଶାଳୀ ତାହାର ପୂର୍ଣ୍ଣ ସମୀକ୍ଷାର ଆବଶ୍ୟକତା ରହିଛି। ୨୦୨୩ରେ ଭାରତ ଅଧକ୍ଷତାରେ ଅନୁଷ୍ଠିତ ଜି୨୦ ବୈଠକରେ ଏହା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଭାରତ ସରକାର ଆଇଏମ୍‌ଏଫ୍‌କୁ ଜଣାଇଛନ୍ତି ଯେ ୧୯୮୯ ପରଠାରୁ ଗତ ୩୫ ବର୍ଷ ମଧ୍ୟରେ ୨୮ ବର୍ଷ ଆଇଏମ୍‌ଏଫ୍ ପାକିସ୍ତାନକୁ ପାଣ୍ଠି ଦେଇଛି। କେବଳ ଗତ ପାଞ୍ଚ ବର୍ଷରେ ପାକିସ୍ତାନ ପାଇଁ ୪ ଥର ଆଇଏମ୍‌ଏଫ୍ କାର୍ଯ୍ୟକ୍ରମ ହୋଇଛି। ଗତ ଶୁକ୍ରବାର ଆମେରିକାର ୱାଶିଂଟନ୍ ଡିସିରେ ଅନୁଷ୍ଠିତ ଆଇଏମ୍‌ଏଫ୍ ବୋର୍ଡ ବୈଠକରେ ପାକିସ୍ତାନକୁ ୧୦୦ କୋଟି ଡଲାର ପୁନରୁଦ୍ଧାର ପ୍ୟାକେଜ୍ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୧୪୦ କୋଟି ଡଲାର ମଞ୍ଜୁର କରାଯାଇଥିଲା।

# ସରକାରୀ ଗ୍ୟାରେଣ୍ଟିରେ ଷ୍ଟାର୍ଟଅପ୍‌କୁ ମିଳିବ ୨୦ କୋଟି ଋଣ

**ନୂଆଦିଲ୍ଲୀ,(ହି.ସ):** ଷ୍ଟାର୍ଟଅପ୍ ପାଇଁ ଉଦ୍ଦିଷ୍ଟ ଋଣ ଗ୍ୟାରେଣ୍ଟି ଯୋଜନା (ସିଜିଏସଏସ)ରେ ସଂଶୋଧନକୁ ସରକାର ମଞ୍ଜୁରି ଦେଇଛନ୍ତି। ଏଥିରେ ଋଣକର୍ତ୍ତାଙ୍କ ଗ୍ୟାରେଣ୍ଟି କଭର ସୀମା ୧୦ କୋଟିରୁ ବଢ଼ାଇ ୨୦ କୋଟି କରିଦିଆଯାଇଛି। ଏହା ଦ୍ୱାରା ଷ୍ଟାର୍ଟଅପ୍‌କୁ ଋଣ ଦେବା ସମ୍ବନ୍ଧିତ ବିପଦ କମ୍ ହେବ। ଏହା ଦ୍ୱାରା ଗବେଷଣା ଏବଂ ଅନୁସନ୍ଧାନ, ଅତ୍ୟାଧୁନିକ ଜ୍ଞାନକୌଶଳ ପାଇଁ ଅଧିକ ଆର୍ଥିକ ସହାୟତା ମିଳିବ। ଷ୍ଟାର୍ଟଅପ୍ କମ୍ପାନୀଙ୍କୁ ଗ୍ୟାରେଣ୍ଟି ମୁକ୍ତ ଋଣ ପ୍ରଦାନ କରିବା ପାଇଁ ଏହି ଯୋଜନା ସହାୟତା କରିବ। ଡିପିଆଇଆଇଟି ପକ୍ଷରୁ କୁହାଯାଇଛି ଯେ ସଂଶୋଧିତ ଯୋଜନା ଦ୍ୱାରା ଷ୍ଟାର୍ଟଅପ୍‌କୁ ଋଣ ଦେବାରେ ଆର୍ଥିକ ସଂସ୍ଥାଗୁଡିକର ବିପଦ ହ୍ରାସ ପାଇବ। ଏବେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଗ୍ୟାରେଣ୍ଟି କଭର ସୀମାକୁ ବଢ଼ାଇ ୮୫ ପ୍ରତିଶତ ଏବଂ ଏହାଠୁ ଅଧିକ ଋଣ ପାଇଁ ୭୫ ପ୍ରତିଶତ କରିଦିଆଯାଇଛି।

# ଏଟିଏମ୍‌ରୁ ଟଙ୍କା ଉଠାଣ ବଢୁଛି : ଓଡ଼ିଶାରେ ୧% ବୃଦ୍ଧି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଫୋନପେ, ଗୁଗୁଲପେ ଜରିଆରେ ଲୋକମାନେ ବ୍ୟାପକ ଡିଜିଟାଲ୍ କାରବାର କରୁଥିଲେ ମଧ୍ୟ ନଗଦ ରାଶିର ଚାହିଦା କମ୍ ହୋଇନାହିଁ। ଏବେବି ଲୋକମାନେ ବିଭିନ୍ନ ଜିନିଷ କିଣିବା ଲାଗି ନଗଦ ଟଙ୍କା ବ୍ୟବହାର କରୁଛନ୍ତି। ସିଏମ୍‌ଏସ୍ ପକ୍ଷରୁ ଜାରି କରାଯାଇଥିବା 'ଭାରତର ଖର୍ଚ୍ଚ କାହାଣୀ ୨୦୨୫' ରିପୋର୍ଟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ପ୍ରତି ମାସରେ ଏଟିଏମ୍‌ରୁ ଉଠାଯାଉଥିବା ଟଙ୍କା ପରିମାଣ ବୃଦ୍ଧି ପାଇଛି। ଓଡ଼ିଶାରେ ଏଟିଏମ୍‌ରୁ ଉଠାଣରେ ୧ ପ୍ରତିଶତର ବୃଦ୍ଧି ଘଟିଛି। ରିପୋର୍ଟ ଅନୁସାରେ ଏଟିଏମରୁ ଉଠାଣରେ ସର୍ବାଧିକ ବୃଦ୍ଧି ବିହାର (୮ ପ୍ରତିଶତ), ନୂଆଦିଲ୍ଲୀ (୪ ପ୍ରତିଶତ), ଉତ୍ତରପ୍ରଦେଶ (୪ ପ୍ରତିଶତ), ହିମାଚଳପ୍ରଦେଶ (୩ ପ୍ରତିଶତ) ଓ ଛତିଶଗଡ଼ (୨ ପ୍ରତିଶତ)ରେ ଦେଖିବାକୁ ମିଳିଛି। ସର୍ବଭାରତୀୟ ସ୍ତରରେ ୨୦୧୬-୧୭ରେ ଏଟିଏମ୍ ପିଛା ଟଙ୍କା ଉଠାଣ ପରିମାଣ ୧.୦୨ କୋଟି ଟଙ୍କା ଥିଲା। ୨୦୨୪-୨୫ରେ ତାହା ୧.୩୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତାମିଲନାଡୁ, ହରିୟାଣା ଓ ଉତ୍ତରାଖଣ୍ଡରେ ଏଟିଏମରୁ ଉଠାଣରେ ଶୂନ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ କେରଳରେ ଏଟିଏମରୁ ଉଠାଣ ୧୪ ପ୍ରତିଶତ କମିଥିବା ବେଳେ ତ୍ରିପୁରାରେ ୨୩ ପ୍ରତିଶତ, ମିଜୋରାମରେ ୧୬ ପ୍ରତିଶତ, ଆସାମରେ ୮ ପ୍ରତିଶତ, କର୍ଣ୍ଣାଟକରେ ୨ ପ୍ରତିଶତ, ମଧ୍ୟପ୍ରଦେଶରେ ୨ ପ୍ରତିଶତ, ରାଜସ୍ଥାନରେ ୩ ପ୍ରତିଶତ, ପଞ୍ଜାବରେ ୨ ପ୍ରତିଶତ, ଜମ୍ମୁ ଓ କାଶ୍ମୀରେ ୩ ପ୍ରତିଶତ ହ୍ରାସ ଘଟିଛି।

ଡୁମାଣୀ ଖବର

# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଗୁରୁତର

**ପଶ୍ଚିମ ସିଂହଭୂମ,(ହି.ସ):** ପଶ୍ଚିମ ସିଂହଭୂମ (ଚାଇବାସା) ଜିଲ୍ଲାର ସମ୍ବେଦନଶୀଳ ସାରଣ୍ଡା ଜଙ୍ଗଲ ଅଂଚଳରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ସୋମବାର ସକାଳେ ନକ୍ସଲ ମାନେ ସୁରକ୍ଷା ବଳକୁ ଟାର୍ଗେଟ୍ କରି ଆଇଇଡି ବିସ୍ଫୋରଣ କରିଥିଲେ । ଏହି ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି। ସୁରକ୍ଷା ବଳ ଅଞ୍ଚଳରେ ତଲାସୀ ଅଭିଯାନ ଚଳାଇଥିବା ବେଳେ ନକ୍ସଲ ମାନେ ପୂର୍ବରୁ ସେଠାରେ ବିଛାଇଥିବା ଆଇଇଡି ବିସ୍ଫୋରଣ ହୋଇଥିଲା । ଯେଉଁଥିରେ ଜଣେ ଯବାନ ଆହତ ହୋଇଛନ୍ତି । ଆହତ ଯବାନ ମାନଙ୍କୁ ଘଟଣାସ୍ଥଳରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ପରେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ରାଞ୍ଚି ଏୟାରଲିଫ୍ଟ କରାଯିବାକୁ ପ୍ରସ୍ତୁତି ଚାଲିଛି ।

## ଛତିଶଗଡରେ ଭୟାବହ ସଡକ ଦୁର୍ଘଟଣା : ୪ ପିଲା ଓ ୯ ମହିଳାଙ୍କ ମୃତ୍ୟୁ

### ଛତିଶଗଡ଼ରେ ସଡ଼କ ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଦୁଃଖ ଓ ଅନୁକମ୍ପା ରାଶି ଘୋଷଣା

**ରାୟପୁର,(ହି.ସ):** ଛତିଶଗଡ଼ର ରାଜଧାନୀ ରାୟପୁର ସହିତ ସଂଲଗ୍ନ ଖରୋରାରେ ରବିବାର ଅଧରାତିରେ ରାୟପୁର-ବଲୋଦବାଜାର ରୋଡ଼ରେ ସାରାଗାଁଓ ନିକଟରେ ଏକ ଗାଡ଼ି ପ୍ରଥମେ ଏକ ଟ୍ରେଲର୍ ସହ ଓ ପରେ ଡମ୍ପର୍ ସହ ଧକ୍କା ହୋଇଥିବାରୁ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୧୦ ଠାରୁ ଅଧିକ ଲୋକ ଆହତ ହୋଇଥିବା ଏବଂ ସେମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛନ୍ତି। ରାୟପୁର ଜିଲ୍ଲାପାଳ ଗୌରବ ସିଂହ କହିଛନ୍ତି ଯେ, ବିଳମ୍ବିତ ରାତିରେ ଖରୋରା ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ବହୁତ ସଂଖ୍ୟାରେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି। ଆହତମାନଙ୍କୁ ରାୟପୁର ମେଡିକାଲ୍ କଲେଜ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୪ଜଣ ପିଲା ଓ ୯ଜଣ ମହିଳା ଅଛନ୍ତି। ମୃତକଙ୍କ ଚିହ୍ନଟ କରାଯାଇଛି। ଏସଏସପି ଲାଲ ଉମେଦ ସିଂହ୍ ସୂଚନା ଦେଇଛନ୍ତି ଯେ ଚଟୌଦ ଗାଁର ଲୋକମାନେ ରବିବାର ଦିନ ସ୍ୱରାଜ ମାଜଦା ଗାଡିରେ ବାନା ବନାରସୀ ଗାଁକୁ ଏକ ଛଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଯାଇଥିଲେ। ଫେରୁଥିବା ବେଳେ ବଲୋଦବାଜାର ରୋଡ଼ରେ ସାରାଗାଁଓ ନିକଟରେ ରାୟପୁର-ମାଜଦା ଗାଡି ପ୍ରଥମେ ଏକ ଟ୍ରେଲର୍ ସହ ଧକ୍କା ହୋଇଥିଲା। ଟ୍ରେଲର୍‌ରେ ଲୁହାର ଏକ ଷ୍ଟ୍ରକ୍ଚର୍ ଥିଲା, ଯାହା ଦୁଇପଟେ ପ୍ରାୟ ତିନି-ତିନି ଫୁଟ୍ ବାହାରକୁ ବାହାରିଥିଲା। ସେଇ ଲୁହା ଷ୍ଟ୍ରକ୍ଚର୍ ସହିତ ମାଜଦା ଯାନର ଡାଲା ଧକ୍କା ଖାଇଥିବାରୁ ସବୁଠୁ ଅଧିକ କ୍ଷତି ହୋଇଛି। ଏହାପରେ ମାଜଦା ଗାଡ଼ି ଏକ ଡମ୍ପ ସହ ଧକ୍କା ହୋଇଥିଲା। ଏହି ଘଟଣାରେ ତିନୋଟି ଯାନର ଚାଳକମାନଙ୍କୁ ପୋଲିସ ଗିରଫ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଛତିଶଗଡ଼ର ରାୟପୁରରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଦୁର୍ଘଟଣାରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ମଧ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ମୃତକଙ୍କ ପରିବାର ଲୋକକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦,୦୦୦ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାୟପୁରରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣହାନି ଯୋଗୁଁ ଗଭୀର ଭାବରେ ମର୍ମାହତ,' ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ପୋଷ୍ଟରେ କହିଛି। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା। ମୁଁ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ଦିଆଯିବ। ଉଲ୍ଲେଖନୀୟ ଯେ ରବିବାର ବିଳମ୍ବିତ ରାତିରେ ଛତିଶଗଡ଼ର ରାଜଧାନୀ ରାୟପୁର ସଂଲଗ୍ନ ଖରୋରାର ରାୟପୁର-ବାଲୋଦାବଜାର ରୋଡ୍ ?ର ସାରାଗାଓଁ ନିକଟରେ ଏକ ମାଜଦା ଟ୍ରଲର ଏବଂ ପରେ ଏକ ଡମ୍ପର ସହିତ ଧକ୍କା ହେବା ଫଳରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୧୦ ଜଣ ଆହତ ହୋଇଥିଲେ।

## ଏବେ ବି ପଞ୍ଜାବରେ ସ୍କୁଲ ବନ୍ଦ : ରାଜସ୍ଥାନରେ ଧିରେ ଧିରେ ସୁଧୁରୁଛି ସ୍ଥିତ

**ନୂଆଦିଲ୍ଲୀ,(ହି.ସ):** ଜମ୍ମୁ-କାଶ୍ମୀରରେ ଶୁକ୍ରବାର ରାତି ଶାନ୍ତି ଓ ନିୟନ୍ତ୍ରଣ ରେଖା ଓ ଆନ୍ତର୍ଜାତୀୟ ସୀମାରେ ଭାରତୀୟ-ପାକିସ୍ତାନୀଙ୍କ ମଧ୍ୟରେ କୌଣସି ସଂଘର୍ଷ ଦେଖାଯାଇନାହିଁ ବୋଲି ସୂଚନା ମିଳିଛି। ଭାରତ-ପାକିସ୍ତାନ ସୀମାରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ପଞ୍ଜାବ-ରାଜସ୍ଥାନର କିଛି ଜିଲ୍ଲାରେ ସୋମବାର ମଧ୍ୟ ସ୍କୁଲ-କଲେଜ ବନ୍ଦ ରହିଛି। ଭାରତୀୟ ସେନା ପକ୍ଷରୁ ସୋମବାର ସକାଳେ ମିଳିଥିବା ସୂଚନାନୁସାରେ ଜମ୍ମୁ-କାଶ୍ମୀର ଓ ଆନ୍ତର୍ଜାତୀୟ ସୀମାରେ ରାତିରେ ପ୍ରାୟ ଶାନ୍ତିପୂର୍ଣ୍ଣ ବାତାବରଣ ରହିଥିଲା। କୌଣସି ଅପ୍ରିୟ ଘଟଣାର ସୂଚନା ମିଳିନାହିଁ। ପଞ୍ଜାବର ସୀମାବର୍ତ୍ତୀ ଗାଁ ଫିରୋଜପୁର ଓ ପଠାନକୋଟରେ ମଧ୍ୟ ପରିସ୍ଥିତି ସାମାନ୍ୟ ହେଉଥିବା ଦେଖାଯାଉଛି। ସେହିପରି ରାଜସ୍ଥାନର ସୀମାବର୍ତ୍ତୀ ଜିଲ୍ଲାରେ ପରିସ୍ଥିତି ସୋମବାର ସାମାନ୍ୟ ହେଉଥିବା ନଜର ଆସିଛି। ଲୋକେ ନିଜର ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରୁଥିବା ଦେଖାଯାଇଛି। ପାକିସ୍ତାନ ସହ ଉତ୍ତେଜନା ଲାଗି ରହିଥିବାରୁ ରବିବାର ରାତି ମଧ୍ୟ ଏସବୁ ସ୍ଥାନ 'ବ୍ଲାକ୍ ଆଉଟ୍‌ରେ' କଟିଥିଲା। ସୋମବାର ସକାଳେ ପରିସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ହୋଇଥିବା ଦେଖାଯାଇଛି।

## ଆଜିଠୁ ସ୍ୱାଭାବିକ ହେବ ବିମାନ ଯାତ୍ରା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ମଙ୍ଗଳବାରଠାରୁ ସବୁ ସ୍ଥାନକୁ ବିମାନ ଯାତ୍ରା ସ୍ୱାଭାବିକ ହେବ। ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୋଟାମକୁ କ୍ୟାନସେଲ କରାଯିବା ନେଇ ବେସାମରିକ ବିମାନ ମନ୍ତ୍ରାଳୟରୁ ନୋଟିସ ଆସିଛି। ବନ୍ଦ ଥିବା ୩୨ ବିମାନ ବନ୍ଦରକୁ ବିମାନ ଯାତ୍ରା ସ୍ୱାଭାବିକ ହେବ। ତେବେ ଯାତ୍ରା ପ୍ଲାନ ଏୟାରଲାଇନ୍ସ କମ୍ପାନୀ ସ୍ଥିର କରିବେ। ଭୁବନେଶ୍ୱରରୁ ଗାଜିଆବାଦ ଓ ପାଟନା ଦେଇ ଚଣ୍ଡିଗଡ ଯାଉଥିବା ବିମାନ ଆସନ୍ତା କାଲି ଠାରୁ ପୁଣି ଥରେ ଚାଲିପାରେ ବୋଲି ସେ କହିଛନ୍ତି।

## ବାର ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଡ଼ମଣା କସମୋଶ ବାରରେ ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରିଛି କମିସନରେଟ ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଦଧି ବାମନ ଜେନା ଓ କୃଷ୍ଣ ଚନ୍ଦ୍ର ବାରିକ। ପୋଲିସ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଗତକାଲି ମଧ ଏହି ଘଟଣାରେ ୧୧ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୩ଜଣଙ୍କୁ ଗିରଫ କରିଛି କମିସନରେଟ ପୋଲିସ । ପୋଲିସ କମିସନର ସୁରେଶ ଦେବ ଦତ ସିଂ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ପାତ୍ର ଏବଂ ରଶ୍ମି ଏବେ ବି ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ଜାଗାରେ ରେଡ କରୁଛି କମିସନରେଟ ପୋଲିସ।

## ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ, ନୂଆଦୁନିଆ ସାପ୍ତାହିକ ପତ୍ରିକାର ସମ୍ପାଦକ ତଥା ଓଡିଶାର ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିତ୍, ଶ୍ରମିକ,କୃଷକ ଆନ୍ଦୋଳନର ଜନନେତା, କମ୍ରେଡ଼ ଦିବାକର ନାୟକଙ୍କ ରାଜ୍ୟ ସ୍ତରୀୟ ଶ୍ରଦ୍ଧାର୍ପଣ ସଭା ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ବିଭିନ୍ନ ଗଣସଂଗଠନ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ପ୍ରୟାତ ଜନନେତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡଃ ପ୍ରଶାନ୍ତ ମିଶ୍ର ସଭାର ପ୍ରାରମ୍ଭିକ ସୂଚନା ଦେବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଶ୍ରଦ୍ଧାଞ୍ଜଳି ଜଣାଇ ସେ ଏକାଧାରରେ ଜଣେ ବିପ୍ଳବୀ ଜନନେତା, ସାମ୍ବାଦିକ ଓ ମାର୍କ୍ସବାଦୀ ତତ୍ତ୍ୱବିଦ୍ ଭାବରେ ଯେଉଁ ଅବଦାନ ରଖିଯାଇଛନ୍ତି ତାହା ଦିବାକର ବାବୁଙ୍କୁ ସ୍ମରଣୀୟ କରିରଖିବ । ବର୍ତ୍ତମାନ ଦେଶରେ ଫାସିବାଦୀ ବିପଦକୁ ମୁକାବିଲା କରିବା ପାଇଁ ସମସ୍ତ ବାମପନ୍ଥୀ-ଗଣତାନ୍ତ୍ରିକ ଶକ୍ତି ଏକାଠି ହୋଇପାରିଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । ଦିବାକର ନାୟକଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉନ୍ମୋଚନକରି ସମାଜର ପରିବର୍ତ୍ତନ ଚାହୁଁଥିବା ଆଦର୍ଶ ପ୍ରତି ଅଙ୍ଗୀକାରବଦ୍ଧ ଜଣେ ବିପ୍ଳବୀର କେବେ ମୃତ୍ୟୁ ଘଟେନା । ସେ ମରି ମଧ ଅମର ରହେ ବୋଲି କହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏବଂ ସିପିଆଇ(ଏମ୍ଏଲ୍) ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠୀର ଦିବାକର ନାୟକଙ୍କ ସ୍ମୃତିଚାରଣ କରି ମାର୍କ୍ସବାଦ ପ୍ରତି ଅଙ୍ଗୀକାରବଦ୍ଧତା ଏବଂ ସମାଜର ପରିବର୍ତ୍ତନ ପାଇଁ ପ୍ରତିବଦ୍ଧ ଏକ ବିପ୍ଳବୀ ଭାବରେ ଦିବାକରବାବୁ ଜନମାନସରେ ଜଣେ ଉତ୍ସର୍ଗୀକୃତ ରାଜନେତା ଭାବରେ ପରିଚିତ ଥିଲେ । ଦେଶରେ ନବ୍ୟ-ଫାସିବାଦୀ ଶକ୍ତି ସମ୍ବିଧାନ ଏବଂ ସମସ୍ତ ଗଣତାନ୍ତ୍ରିକ ବିଧି-ବିଧାନ ଓ ଅନୁଷ୍ଠାନକୁ ଧ୍ୱଂସ କରିଦେବା ପାଇଁ ଅଗ୍ରସର ହେଉଥିବା ସମୟରେ ଦିବାକର ନାୟକଙ୍କ ଅବର୍ତ୍ତମାନରେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହୋଇ ପ୍ରତିରୋଧ କଲେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ ।

## ରୟାଲ୍ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିକୁ ଶ୍ରେଷ୍ଠ +୨ ବିଜ୍ଞାନ ମହାବିଦ୍ୟାଳୟ ସମ୍ମାନ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): 'ଉତ୍କର୍ଷ -୨୦୨୫' ତରଫରୁ ରୟାଲ୍ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି କୁ ଶ୍ରେଷ୍ଠ +୨ ବିଜ୍ଞାନ ମହାବିଦ୍ୟାଳୟ ସମ୍ମାନରେ ସମ୍ମାନୀତ କରାଯାଇଅଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହାର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ବିଷ୍ଣୁ ମୋହନ ମହାନ୍ତିଙ୍କୁ ଓଡିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି ଏକ ପୁରସ୍କାର ଦେଇ ସମ୍ମାନୀତ କରିଥିଲେ । ଏଠାରେ ସ୍ମରଣ କରି ଦିଆଯାଇଅଛି ଯେ ରୟାଲ କଲେଜ ୨୦୦୩ରୁ ପ୍ରତିଷ୍ଠା ହେବା ଠାରୁ ଓଡିଶାର ଅଗ୍ରଣୀ +୨ ବିଜ୍ଞାନ ମହାବିଦ୍ୟାଳୟ ଭାବେ ପ୍ରତିଷ୍ଠା ଅର୍ଜନ କରିପାରିଛି। ଏହି ପରିପ୍ରେକ୍ଷୀରେ ଡ. ମହାନ୍ତି କନକନ୍ୟୁଜ୍ ଏବଂ ସମ୍ବାଦ ପରିବାର ବିଶେଷତଃ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ, କନକ ନ୍ୟୁଜ୍ ଓ ସମ୍ବାଦର ସଂପାଦିକା ତନୟା ପଟ୍ଟନାୟକଙ୍କୁ ବିଶେଷ ଧନ୍ୟବାଦ ଦେଇଥିଲେ।

## ବିଧାନସଭାଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଶହେ ବର୍ଷ ତଳେ ବିଲୁପ୍ତପ୍ରାୟ ସାନ୍ତାଳୀ ଭାଷା ଆଜି ବିଶ୍ୱ ଦରବାରରେ ଗୌରବର ସହ ଦଣ୍ଡାୟମାନ। ଏହି ଭାଷାକୁ ମୃତ୍ୟୁ ସଞ୍ଜିବନୀ ପ୍ରଦାନ କରିଛନ୍ତି ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ। ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ଜନ୍ମିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସୋମବାର ୧୨୦ତମ ଜୟନ୍ତୀ। ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଗ୍ରାମରେ ପିତା ନନ୍ଦଲାଲ ମୁର୍ମୁ ଓ ମାତା ସଲମା ମୁର୍ମୁଙ୍କ କୋଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ। ସେ ଗମ୍ଭାରିଆ ୟୁପି ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିବାବେଳେ ଓଡ଼ିଆ ଭାଷା ବୁଝିବାରେ ଅସହାୟତା ଯୋଗୁଁ ତାଙ୍କ ମନରେ ସାନ୍ତାଳୀ ଭାଷାରେ ଶିକ୍ଷାର ଆବଶ୍ୟକତା ନେଇ ଭାବନା ଉଦ୍ରେକ ହୋଇଥିଲା। ୧୯୨୪-୨୫ରେ ବାରିପଦା ହାଇସ୍କୁଲରେ ପିବା ସମୟରେ ସେ ସାନ୍ତାଳୀ ଭାଷା ପାଇଁ ସ୍ୱତନ୍ତ୍ର ଲିପି 'ଅଲ୍‌ଚିକି' ଉଦ୍ଭାବନ କରିଥିଲେ। ଆଜି ସାନ୍ତାଳୀ ଭାଷା ପୁନର୍ଜୀବନ ପାଇଛି ଓ ସାନ୍ତାଳୀ ଶିକ୍ଷା ଏକ ବିପ୍ଳବର ରୂପ ନେଇଛି। ଆଜି 'ଅଲ୍‌ଚିକି' ଲିପି ୧୦୦ ବର୍ଷରେ ପଦାର୍ପଣ କରିଥିବାବେଳେ ଭାରତର ବହୁବର୍ଣ୍ଣ ଭାଷା-ସାହିତ୍ୟ ଜଗତରେ ଏହାର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସୋମବାର ଓଡ଼ିଶା ବିଧାନସଭାଠାରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଏସପି, ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଉପସଚିବ ଆଶିଷ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ନର୍ସ ଦିବସ କାର୍ଯ୍ୟକ୍ରମରେ ଯୋଗଦେଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବରଗଡ଼ ସ୍ଥିତ ଯଦୁମଣି ପ୍ରଧାନ ଅଡିଟୋରିୟମ ଠାରେ ବରଗଡ଼ ନର୍ସିଂ ଆସୋସିଏସନ ତରଫରୁ ଆୟୋଜିତ 'ଅନ୍ତର୍ଜାତୀୟ ନର୍ସ ଦିବସ' ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ 'ଅନ୍ତର୍ଜାତୀୟ ନର୍ସ ଦିବସ' ଉପଲକ୍ଷେ ସମସ୍ତ ନର୍ସ ଦିଦି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ଶ୍ରୀ ନିହାର ରଂଜନ ମହାନନ୍ଦ, ଭଟଲି ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ, ନର୍ସିଂ ସୁପରିଟେଣ୍ଡେଣ୍ଟ ବଲମା ଏକ୍କା, ବରଗଡ଼ ଜିଲ୍ଲାପାଳ, ବରଗଡ଼ ସିଡିଏମଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ସେବାର ପ୍ରତୀକ ଭାବେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନର୍ସ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆପଣଙ୍କ ସହଯୋଗ ବିନା, ଦେଶର ଉନ୍ନତ ଭବିଷ୍ୟତ ଏବଂ ସୁସ୍ଥ ସମାଜ ଗଠନର ପରିକଳ୍ପନା ଅସମ୍ଭବ ଅଟେ। ଲୋକଙ୍କ ସରକାର ରାଜ୍ୟରେ ନର୍ସିଂ ଶିକ୍ଷାକୁ ବ୍ୟାପକ କରିବା ସହ ଏହି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଏବଂ ଦକ୍ଷତା ବିକାଶ ପାଇଁ ପ୍ରତିବଦ୍ଧ ଅଟନ୍ତି, ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ମେଡିକାଲ କଲେଜ ଖୋଲିବା ସହ ନର୍ସିଂ କଲେଜ ଖୋଲିବା ପାଇଁ ମଧ ପରିକଳ୍ପନା କରାଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକଙ୍କ ସରକାର ଗଠନ ହେବା ପରେ ରାଜ୍ୟରେ ୮ ଟି ନର୍ସିଂ କଲେଜ ଖୋଲିବା ପାଇଁ ଯୋଜନା କରାଯାଇଛି। ଏହି ନିଷ୍ପତ୍ତି ଆଗାମୀ ଦିନରେ ନିଶ୍ଚିତ ଭାବେ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆହୁରି ସୁଦୃଢ କରିବା ସହ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ବୁଦ୍ଧ ପୂର୍ଣ୍ଣିମାର ଶୁଭକାମନା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବୁଦ୍ଧ ପୂର୍ଣ୍ଣିମାର ଶୁଭକାମନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବୁଦ୍ଧ ପୂର୍ଣ୍ଣିମାର ପବିତ୍ର ପର୍ବର ଆପଣ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆଜିର ଦିନ କେବଳ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ପ୍ରାପ୍ତି ଓ ମହାପରିନିର୍ବାଣର ସ୍ମରଣ ଦିବସ ନୁହେଁ ବରଂ ଏହି ଦିନ ଆମକୁ ଜୀବନରେ ସତ୍ୟ, ଅହିଂସା ଓ କରୁଣାର ମାର୍ଗରେ ଚାଲିବାକୁ ପ୍ରେରଣା ବି ଦେଇଥାଏ । ଭଗବାନ ବୁଦ୍ଧଙ୍କ ଜୀବନ ଆମକୁ ଏହା ଶିଖାଇଥାଏ ଯେ, ଯେତେବେଳେ ବନ ଶାନ୍ତ ହୁଏ, ବାଣୀ ମଧୁର ହୁଏ ଓ କର୍ମ ପବିତ୍ର ହୁଏ- ସେତେବେଳେ ସମାଜରେ ପ୍ରକୃତ ଶାନ୍ତି ଓ ସମାନତା ସମ୍ଭବ ଅଟେ । ଏହି ପବିତ୍ର ପର୍ବ ଅବସରରେ ଭଗବାନ ବୁଦ୍ଧଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣର ପ୍ରାର୍ଥନା କରୁଛି ।

## ସୋନପୁର ଜିଲ୍ଲାରେ ପରିବହନ ଓ ଖଣି ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସୋନପୁର ସର୍କିଟ ହାଉସ ଠାରେ ସୋମବାର ସୋନପୁର ଜିଲ୍ଲାର ପରିବହନ ଏବଂ ଖଣି ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଇସ୍ପାତ ଏବଂ ଖଣି ଏବଂ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା , ପରିବହନ ଓ ଖଣି ବିଭାଗର ଜିଲ୍ଲା ଅଧିକାରୀଙ୍କ ସହ କଲେକ୍ଟର, ଏସପି, ଏଡିଏମ, ସବ କଲେକ୍ଟର, ତହସିଲଦାର, ଆଦି ଉପସ୍ଥିତ ଥିଲେ। ମନ୍ତ୍ରୀ ଜିଲ୍ଲାରେ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ତଥା ସଡକ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ଏହା ସହ ଖଣିଜ ପଦାର୍ଥ ବିଶେଷ କରି ଲଘୁ ଖଣିଜର ଆବଂଟନ ସୁନିଶ୍ଚିତ କରି ସାଧାରଣ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ବ୍ୟବସ୍ଥା ଠିକ କରିବା ସହ ପ୍ରବର୍ତନ କାର୍ଯ୍ୟକୁ ଆହୁରି ସୁଦୃଢ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ନୂତନ ଭାବେ ନିଯୁକ୍ତ ଜେଏମଓ ମାନଙ୍କ ସହ ସମ୍ବାଦ କରିବା ସହ ସେମାନଙ୍କୁ ରାଜ୍ୟର ହିତ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା କାର୍ଯ୍ୟକୁ ସୁସଂଗଠିତ ଭାବେ ପରିଚାଳନା କରିବାକୁ ମନ୍ତ୍ରୀ କହିଥିଲେ ।

## ଭଞ୍ଜ କଳାମଣ୍ଡପରେ ନବଗୁଞ୍ଜରର ନାଟକ 'ଡର' ସହରୀ ମଣିଷଙ୍କ ଭୟର କାହାଣୀ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଗୁରୁବାର ଭଞ୍ଜ କଳା ମଣ୍ଡପରେ 'ନବଗୁଞ୍ଜର'ର ଚତୁର୍ଥ ବାର୍ଷିକ ଉତ୍ସବରେ ମଞ୍ଚସ୍ଥ ହୋଇଛି ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହିଙ୍କ ଲିଖିତ ଓ ଇଂ. ପ୍ରୀତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ଡର'। ଏହି ଉପଲକ୍ଷେ ଆୟୋଜିତ ସଭାରେ ନବଗୁଞ୍ଜର ସଭାପତି ଈଶ୍ୱର ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଉପ ପରିଚାଳନା ନିର୍ଦ୍ଦେଶକ ଅନୁପ କୁମାର ମହାପାତ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ସର୍କଲର ଚିଫ୍ ଜେନରାଲ ମ୍ୟାନେଜର ଦୀନେଶ ପ୍ରୁଥି, ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବର୍ଷୀୟାନ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକଙ୍କୁ ନବଗୁଞ୍ଜର ଜୀବନ ବ୍ୟାପି ସାଧନା ସମ୍ମାନ ଏବଂ କଳାକାର ଏନ୍. ରାମବାବୁଙ୍କୁ ନବଗୁଞ୍ଜର ନାଟ୍ୟପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂପାଦକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ନାଟକର ମୁଖ୍ୟ ଚରିତ୍ର ଭାନୁ ପ୍ରକାଶ ଜଣେ ଅବସରପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀ। ଦିନେ ସକାଳେ ବଜାରରୁ ଫେରି ସେ ନିଜ ଝିଅଠୁ ଖବର ପଆନ୍ତି ଯେ କଲୋନୀର ତାଙ୍କ ଘର ପଛ ପଟରେ ପଡିଛି ଗୋଟିଏ ଶବ। ପଡୋଶୀ ଗୁମାନ ବାବୁଙ୍କ ସହିତ ପରାମର୍ଶ କରି ଭାନୁ ପ୍ରକାଶ ଶବ ଉଠାଇ ଦେବାକୁ ମୁନିସିପାଲିଟି କର୍ତ୍ତୃପକ୍ଷକୁ ଦରଖାସ୍ତଟିଏ ଲେଖନ୍ତି। ଯେତେବେଳେ ଗୁମାନ ବାବୁ ଦରଖାସ୍ତରେ କଲୋନୀର ଲୋକଙ୍କ ଠାରୁ ଦସ୍ତଖତ ଆଣିବା ପାଇଁ ଯଆନ୍ତି, ସେତେବେଳ



ଲୋକଙ୍କ ମନରେ ଡ଼ର ପଶେ। କାଳେ ହତ୍ୟା ମାମଲାରେ ପଡିବେ। ପୋଲିସ ଥାନାକୁ ଡାକିବ ଏହି ଭୟରେ ଦସ୍ତଖତ କରନ୍ତି ନାହିଁ। ଶବ ପଚି ଦୁର୍ଗନ୍ଧ ହେବା କାରଣରୁ ଲୋକମାନେ କବାଟ ଝରକା ବନ୍ଦ କରି ଘର ଭିତରେ ଝୁଣା, ଝୁଣା ଧୂଆଁ, ଧୂପ ଦେଇ ଚାରି ଦିନ ରହନ୍ତି। ପରେ ଜଣାପଡ଼େ ମୃତକ ଜଣକ ଭାନୁପ୍ରକାଶଙ୍କର ଶ୍ୱଶୁର। ସେ ଭାନୁପ୍ରକାଶଙ୍କ ଘରକୁ ଆସିବା ବାଟରେ ମୂର୍ଚ୍ଛା ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ଠିକ୍ ସମୟରେ ଡାକ୍ତରଖାନା ନେଇଥିଲେ ହୁଏତ ତାଙ୍କ ଜୀବନ ବଞ୍ଚି ଯଇଥାନ୍ତା। ନାଟକ 'ଡ଼ର'ରେ ସହରୀ ଜୀବନରେ ଲୋକଙ୍କ ଭୟକୁ ସୁନ୍ଦର ଭାବରେ ନାଟ୍ୟକାର ଚିତ୍ରିତ କରିଛନ୍ତି। ବାସ୍ତବିକ 'ଡ଼ର' ଖୁବ୍ ସଂକ୍ରାମକ। ସହରୀ ମଣିଷ ମାନସିକତାରେ ଡ଼ରୁଆ ଓ ବିପଦ ବିରୁଦ୍ଧରେ ଲଢ଼ିବାକୁ ପ୍ରେରଣା ଦେବା ପରିବର୍ତ୍ତେ ସେ ସ୍ଥାନ ଛାଡ଼ି ପଳାୟନ କରିବାକୁ ଡ଼ର ମଣିଷକୁ ଉତ୍ସାହିତ କରେ। ତେଣୁ ଡ଼ର ସର୍ବଦା ବର୍ଜନୀୟ। ନାଟକରେ ଅଭିନୟ କରିଛନ୍ତି ସଂଜୀବ ଦାସ, ମିନାକ୍ଷୀ ମିଶ୍ର, ଇତିଶ୍ରୀ ଦାସ, ଅମ୍ବିକା ମିଶ୍ର, ପ୍ରଫୁଲ୍ଲ ନାୟକ, ପ୍ରଦୀପ ଗିରି, ସ୍ୱାଗତିକା ଷଡ଼ଙ୍ଗୀ, ସୁବ୍ରତ, ଯୋଗୀନ୍ଦ୍ର ମିଶ୍ର, ବାପୁଜୀ ବିଶ୍ୱାଳ, ସୁବଳ ମହାରଣା, ସନତ ସାହୁ, ଅମିର ପଣ୍ଡା, ଅର୍ଚ୍ଚନା ରଥ, ଦୁର୍ଗା ମହାପାତ୍ର ଓ ଶିଶୁ କଳାକାରମାନେ। ନାଟକର ଆରମ୍ଭରେ ନୃତ୍ୟ ପ୍ରଦର୍ଶନ କରିଥିଲେ ଅମିତା, ସନ୍ଦୀପ ଓ ଇତିଶ୍ରୀ।

## ଭୁବନେଶ୍ୱର ନୂଆ ଷ୍ଟେସନରୁ ଯାତ୍ରା ଆରମ୍ଭ କଲା ୩ ଏକ୍ସପ୍ରେସ୍ ଟ୍ରେନ୍

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସୋମବାରଠାରୁ ଭୁବନେଶ୍ୱର ନୂତନ ରେଳଷ୍ଟେସନ ଠାରୁ ଯାତ୍ରା ଆରମ୍ଭ କରୁଛି ୩ ଏକ୍ସପ୍ରେସ୍ ଟ୍ରେନ୍। ଏହି ଟ୍ରେନ୍ ଗୁଡ଼ିକ ହେଲା ଭୁବନେଶ୍ୱର-ସିଏସ୍ଏମଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ (୧୧୦୨୦/୧୧୦୧୯), ଭୁବନେଶ୍ୱର - ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ୍ (୧୭୦୧୫/୧୭୦୧୬) ଓ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ (୨୨୮୧୯/୨୨୮୨୦)। ଭୁବନେଶ୍ୱର ନୂଆ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ କରିଥିବା ଏହି ଟ୍ରେନ୍ ଗୁଡ଼ିକ ଭୁବନେଶ୍ୱର ଉତ୍ତର ଅଂଚଳ ଏବଂ ସଂଲଗ୍ନ ଅଞ୍ଚଳର ଯାତ୍ରୀମାନଙ୍କୁ ବିପୁଳ ଲାଭ ପ୍ରଦାନ କରିବ। ଏହି ଟ୍ରେନଗୁଡ଼ିକ ମଧ ମଞ୍ଚେଶ୍ୱର ରେଳ ଷ୍ଟେସନରେ ପ୍ରତ୍ୟେକ ଦୁଇ ମିନିଟ୍ ପାଇଁ ରହଣି ପ୍ରଦାନ କରିବେ। ଯାହାଫଳରେ ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ଅବସ୍ଥିତ ଅନେକ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଭୁବନେଶ୍ୱର ନୂଆ ଷ୍ଟେସନ ଏକ ସୁବିଧାଜନକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ମେଡିକାଲ ଯାତ୍ରା ଆବଶ୍ୟକ କରୁଥିବା ଯାତ୍ରୀମାନେ ବହୁତ ଉପକୃତ ହେବେ, କାରଣ ଭୁବନେଶ୍ୱର ସହରର ଏହି ଅଂଶରେ ଅନେକ ହସ୍ପିଟାଲ ଅବସ୍ଥିତ। ଭୁବନେଶ୍ୱର ନୂଆ ଷ୍ଟେସନରୁ ଏହି ଟ୍ରେନଗୁଡ଼ିକ ଯାତ୍ରା ପ୍ରାରମ୍ଭ କରିବା ସହିତ, ସ୍ଥାନୀୟ ବାସିନ୍ଦାମାନେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଯିବା ଆସିବା ସମସ୍ୟା ଏଡ଼ାଇବା ସହିତ ଏଠାରେ କମ୍ ଭିଡ଼ ଅନୁଭବ କରିବେ। ଅମୃତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ନୂତନ ଷ୍ଟେସନର ପୁନର୍ବିକାଶ ମଧ ପ୍ରସ୍ତାବିତ, ଯାହାର ପ୍ରାଥମିକ ଧ୍ୟାନ ଯାତ୍ରୀ ସୁବିଧା ବୃଦ୍ଧି ଉପରେ ରହିଛି। ଭୁବନେଶ୍ୱର ନୂଆ ଷ୍ଟେସନ ଠାରେ ଯୋଜନା କରାଯାଉଥିବା ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ସର୍କୁଲେଟିଂ ବା ଚଳପ୍ରଚଳ କ୍ଷେତ୍ରର ସମ୍ପ୍ରସାରଣ ଏବଂ ଉନ୍ନତିକରଣ, ଅତିରିକ୍ତ ଫୁଟ ଓଭର ବ୍ରିଜ୍ ବ୍ୟବସ୍ଥା, ଉନ୍ନତ ଯାତ୍ରୀ ସେବା ଓ ପ୍ରତୀକ୍ଷା ପାଇଁ ଆଧୁନିକ ପ୍ରତୀକ୍ଷା କକ୍ଷ ଏବଂ ଶୌଚାଳୟ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି। ଏହାସହ ପୁରୁଣା ପ୍ଲାଟଫର୍ମ ଏବଂ ଏହାର ଆଲୋକୀକରଣର ଉନ୍ନତି, କୋଚ୍‌ମାନଙ୍କରେ ପାଣି ଭର୍ତ୍ତି କରିବାର ସୁବିଧା ସ୍ଥାପନ, ସମସ୍ତ ପ୍ଲାଟଫର୍ମରେ ଲିଫ୍ଟର ବ୍ୟବସ୍ଥା ଓ ବର୍ତ୍ତମାନର ଷ୍ଟେସନ କୋଠାର ଉନ୍ନତିକରଣ ଆଦି ରହିଛି।

## ସାମୁଦାୟିକ ସହଯୋଗ ସୁରକ୍ଷିତ ସହର ତିଆରିରେ ଗୁରୁତ୍ୱପୂର୍ଣ୍ଣ





କଟକ, (ଡିକେ ନ୍ୟୁଜ୍): ରୋଟାରୀ କ୍ଲବ୍ ଅଫ୍ କଟକ କ୍ୟାଣ୍ଟନ୍‌ମେଣ୍ଟ ତାଙ୍କ ସେବା ଓ ନେତୃତ୍ୱ ଯାତ୍ରାରେ ଏକ ଐତିହାସିକ ଦିନ ଅନୁଷ୍ଠିତ କରି ଗୋଟିଏ ଦିନରେ ୫୦ରୁ ଊର୍ଦ୍ଧ୍ୱ ନୂଆ ସଦସ୍ୟଙ୍କୁ ସାମିଲ କରି ନୂଆ ମାନଦଣ୍ଡ ସ୍ଥାପନ କରିଛନ୍ତି। ଏହି ଅବସରରେ କଟକ କମିସନରେଟ୍ ପୋଲିସ ସହ ଏକ ବଡ ନାଗରିକ ପ୍ରୟାସ ଆଇସ୍ ଅଫ୍ ଦ ସିଟି ଶୀର୍ଷକ ଏକ ଉଦ୍ୟମରେ ଏକ ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ ସିସିଟିଭି କ୍ୟାମେରା ଦାନ କରାଯାଇଥିଲା। ଅପରାଧ ରୋକଥାମ ଓ କଟକ ନାଗରିକଙ୍କ ସୁରକ୍ଷା ବୃଦ୍ଧି କରିବା ଲକ୍ଷ୍ୟରେ ଏହା ଦାନ କରାଯାଇଛି। ମୁଖ୍ୟଅତିଥି ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଯାଜ୍ଞସିସ୍ ମହାପାତ୍ର ଓ ସମ୍ମାନିତ ଅତିଥି କଟକ ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ମଞ୍ଚାସୀନ ରହିବା ସହ ସମ୍ମାନୀତ ସଦସ୍ୟ ଭାବେ ଯୋଗଦେଲେ। ସାମୁଦାୟିକ ସହଯୋଗ ଏକ ସୁରକ୍ଷିତ ସହର ତିଆରି କରିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ଡିସିପି କହିଥିଲେ। କ୍ଲବ ତାଙ୍କ ଭବିଷ୍ୟତ ଯାତ୍ରାରେ ଅନେକ ସେବା ପ୍ରକଳ୍ପ ଆରମ୍ଭ କରିବାକୁ ଘୋଷଣା କଲେ। ଆସିଷ୍ଟାଣ୍ଟ ଗଭର୍ଣ୍ଣର ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ବିଶ୍ୱଜିତ ସେନାପତି, ଚାର୍ଟର ଅଧ୍ୟକ୍ଷ ତାପସ ଦାଶ, ଅଧ୍ୟକ୍ଷ ଶୁଭ୍ର ମହାନ୍ତି, ସଚିବ ପ୍ରଭାତ ମିଶ୍ର, ପ୍ରକଳ୍ପ ଅଧ୍ୟକ୍ଷ ସାଦ ହାସମି ପ୍ରମୁଖ ଉପସ୍ଥିତ ଥିଲେ।

## ୬ ବର୍ଷ ଶିଶୁପୁତ୍ରର ମୃତ୍ୟୁ ପରେ ଅଙ୍ଗଦାନ: ଶିଶୁର କିଡ଼ନୀ ବଞ୍ଚାଇଲା ଦୁଇ ଜୀବନ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଛଅ ବର୍ଷର ଶିଶୁପୁତ୍ରଟିର ଇଚ୍ଛା ଥିଲା ସେ ଗୋଟିଏ ପୁରସ୍କାର ପାଇବ। ମା'ବି ତାକୁ ଆଶ୍ୱାସନା ଦେଇଥିଲେ ଯେ, ସେ ଏଭଳି ପୁରସ୍କାର ପାଇବ ଯାହା କେହି ବି ପାଇ ନଥିବେ। ଶିଶୁଟି ଜୀବିତ ଅବସ୍ଥାରେ ପୁରସ୍କାର ପାଇପାରିଲା ନାହିଁ ସତ, ତେବେ ମୃତ୍ୟୁ ପରେ ଆଉ ଦୁଇଟି ଜୀବନ ବଞ୍ଚାଇବାରେ ସଫଳ ହୋଇପାରିଛି। ବାରିପଦା ମୂର୍ଗାବାଡି ଅଞ୍ଚଳର ଏହି ଶିଶୁଟିର ଆକସ୍ମିକ ଦୁର୍ଘଟଣାରେ ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସ୍ଥାନୀୟ ସମ୍ ଅଲ୍ଟିମେଟ ମେଡିକେୟାରରେ ଚିକିତ୍ସିତ ହେଉଥିଲା। ମାତ୍ର ଶିଶୁଟି ବ୍ରେନ୍ ଡେଡ ଘୋଷିତ ହେବା ପରେ ତାର ପିତା-ମାତା ତାର ଅଙ୍ଗଦାନ କରିବା ନିମନ୍ତେ ମନସ୍ଥ କରିଥିଲେ। ଶିଶୁଟିର ଦୁଇ କିଡ଼ନୀ ଆଉ ଦୁଇଟି ରୋଗୀଙ୍କର ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଛି। ଅଙ୍ଗଦାନ ଭଳି ମହତ କାର୍ଯ୍ୟରେ ଅଗ୍ରଣୀ ସମ୍ ଅଲ୍ଟିମେଟ ମେଡିକେୟାର ହସ୍ପିଟାଲରେ ଏହି ଶିଶୁଟିର ଦୁଇଟି ବୃକକକୁ ବାହାର



କରାଯାଇ ଭୁବନେଶ୍ୱର ଏମ୍ସ ଏବଂ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ପଠାଯାଇଛି। ଗତ ୬ ତାରିଖ ଦିନ ଶିଶୁଟିର ମୁଣ୍ଡ ଉପରେ ୩ କ୍ୱିଣ୍ଟାଲ୍ ଓଜନର ଏକ ଗେଟ ପଡ଼ିଯିବା ପରେ ଶିଶୁର ବାପା-ମା ପ୍ରଥମେ ବାଲେଶ୍ୱର ହସ୍ପିଟାଲ ଏବଂ ପରବର୍ତ୍ତୀ ସମୟରେ ସମ୍ ଅଲ୍ଟମେଟ ମେଡିକେୟାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ତେବେ ଅନେକ ଚିକିତ୍ସା ଓ ଚେଷ୍ଟା ସତ୍ତ୍ୱେ ଶିଶୁଟିକୁ ବଞ୍ଚା ଯାଇପାରି ନଥିଲା। ତା'ର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଯାହାକୁ କି ସିଭିୟର ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରି ବୋଲି କୁହାଯାଏ ବୋଲି ଚିକିତ୍ସା କରୁଥିବା ଡାକ୍ତର ତଥା ସମ୍ ଅଲ୍ଟିମେଟ ମେଡିକେୟାରର କ୍ରିଟିକାଲ୍ କେୟାର ମେଡିସିନ ବିଭାଗର ସିନିୟର କନ୍ସଲଟାଣ୍ଟ ଡାକ୍ତର ଆଲୋକ କୁମାର ପାଣିଗ୍ରାହୀ କହିଥିଲେ। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିଲା। ତେଣୁ ସମ୍ମମର ନ୍ୟୁରୋସର୍ଜରୀ ବିଭାଗର ସିନିୟର କନ୍ସଲଟାଣ୍ଟ ଡାକ୍ତର ସୋମନାଥ ଜେନା ଏବଂ ଡାକ୍ତର ପାଣିଗ୍ରାହୀ ତା'ର ଦୁଇ ଥର ଆପ୍ନିଆ ଟେଷ୍ଟ କରାଇବା ପରେ ଶିଶୁଟିକୁ ବ୍ରେନ୍ ଡେଡ ଘୋଷଣା କରାଯାଇଥିଲା। ନିଜ କୁନି ପୁଅର ମୃତ୍ୟୁ ପରେ ଅନ୍ୟ କାହାର ଜୀବନ ବଞ୍ଚାଇବା ସହ ଆଉ କେଉଁ ପିତା-ମାତାଙ୍କ ଜୀବନରେ ଖୁସି ଆଣିବାର ମହତ୍ ଉଦ୍ଦେଶ୍ୟ ନେଇ ଶିଶୁଟିର ବାପା-ମା ଅଙ୍ଗଦାନ କରିବା ପାଇଁ ନିଷ୍ପତ୍ତି ନେଇ ହସ୍ପିଟାଲର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସମ୍ ପକ୍ଷରୁ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ)କୁ ଅବଗତ କରାଯାଇ ଅଙ୍ଗଦାନ ଓ ପ୍ରତ୍ୟାରୋପଣ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଏହାକୁ ମିଶାଇ ମାତ୍ର ଦୁଇ ବର୍ଷ ସମୟସୀମା ମଧ୍ୟରେ ସମ ପକ୍ଷରୁ ଚତୁର୍ଥ ଥର ପାଇଁ ଅଙ୍ଗଦାନ କରାଯାଇଥିବା ବେଳେ ସମୁଦାୟ ୧୩ଟି ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବିଭିନ୍ନ ହସ୍ପିଟାଲକୁ ପଠାଯାଇଛି। ଆଗକୁ ମଧ ଏହି ମହତ କାର୍ଯ୍ୟ ହସ୍ପିଟାଲ ପକ୍ଷରୁ ଜାରି ରହିବ ବୋଲି ଏହାର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି।

## ସଂପାଦକୀୟ

# ଭାରତର ଅର୍ଥନୀତିରେ ବ୍ୟାଙ୍କିଙ୍ଗ ସେବା

ଭାରତର ଅର୍ଥନୀତିରେ ବ୍ୟାଙ୍କିଙ୍ଗ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରୀ ନିୟନ୍ତ୍ରିତ ଓ ସରକାରଙ୍କ ନୀତି ନିୟମକୁ ଆଧାର କରି ଅନେକ ବ୍ୟାଙ୍କ ଗୁଡ଼ିକ ସେବା ପ୍ରଦାନ କରୁଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବ୍ୟତୀତ ବିଭିନ୍ନ ପ୍ରମୁଖ ବ୍ୟାଙ୍କ ଭିତରେ ୟୁକୋ ବ୍ୟାଙ୍କ ଅନ୍ୟତମ ପ୍ରମୁଖ ବ୍ୟାଙ୍କ। ସେହିପରି ଅନେକ ହୁଏତ ଜାଣିନଥିବେ ଓଡ଼ିଶାରେ ୟୁକୋ ବ୍ୟାଙ୍କ ଅଗ୍ରଣୀ ବ୍ୟାଙ୍କ ଓ ରାଜ୍ୟସ୍ତରୀୟ ବ୍ୟାଙ୍କରସ ସମନ୍ୱୟ ସମିତିର ଆବାହକ ମଧ୍ୟ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଓଡ଼ିଶା ୟୁକୋ ବ୍ୟାଙ୍କଙ୍କ ପ୍ରଶାସନ ଜଣେ ଜେନେରାଲ ମ୍ୟାନେଜରଙ୍କ ଅଧୀନରେ। ବର୍ତ୍ତମାନ ସମ୍ବଲପୁର, ବାଲେଶ୍ୱର ଓ ଏବଂ ଭୁବନେଶ୍ୱର ଭଳି ତିନୋଟି ଜୋନରେ ଏହା କାର୍ଯ୍ୟ କରୁଛି। ଆସନ୍ତା ଜୁଲାଇ ମାସରେ କଟକ ଜୋନ ଖୋଲା ଯିବ ବୋଲି ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି ମାତ୍ର ଓଡ଼ିଶାରେ ୟୁକୋ ବ୍ୟାଙ୍କରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁଁ ଶାଖା ମାନଙ୍କରେ ଅଫିସର ଓ ଷ୍ଟାଫ ସମସ୍ୟା ଲାଗି ରହୁଛି। ଯାହାର ସିଧା ପ୍ରଭାବରୁ ଗ୍ରାହକ ସେବା କ୍ଷତିଗ୍ରସ୍ତ ହେଉଛି। ନିକଟରେ ବ୍ୟାଙ୍କର ବଦଳି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ଆରମ୍ଭ ହୋଇଛି। ଏଥିରେ ଗୋଟିଏ ଜୋନରୁ ଅଫିସରମାନେ ଅନ୍ୟ ଜୋନ ଏବଂ ଅନ୍ୟ ରାଜ୍ୟକୁ ଯାଇଥାନ୍ତି। ଚଳିତ ବର୍ଷ ସମ୍ବଲପୁର ଜୋନରେ ଚାଳିଶ ଜଣ ଅଫିସର ଆସୁଥିବାବେଳେ ବାହାରକୁ ଯାଉଛନ୍ତି ପଚାଶ ଜଣ ଅଫିସର। ସେହିପରି ବାଲେଶ୍ୱର ଜୋନରେ ଆସୁଛନ୍ତି ସତେଇଶ ଜଣ ଅଥଚ ଯାଉଛନ୍ତି ଛତିଶ ଜଣ। ଓଡ଼ିଶାର ରାଜଧାନୀ ଏବଂ ସମସ୍ତ ବଡ଼ ବଡ଼ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ଭୁବନେଶ୍ୱର ଜୋନରେ ଚଉରାଳିଶ ଜଣ ଯାଉଥିବାବେଳେ ମାତ୍ର ଛବିଶ ଜଣ ଅଫିସର ଆସୁଛନ୍ତି। ଏ ସବୁର ହିସାବକୁ ଦେଖିଲେ ଜଣାପଡ଼େ ସମସ୍ତ ଓଡ଼ିଶାରେ ଛବିଶ ଜଣ ଅଫିସର କମିଯିବେ। ସେହିଭଳି ଆଶ୍ଚର୍ଯ୍ୟକର କଥା ହେଉଛି ୟୁକୋ ବ୍ୟାଙ୍କ ଓଡ଼ିଶାରେ ତାର କାର୍ଯ୍ୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଭାବେ ଖୁବ କମ କିରାଣୀ ଓ ପିଅନକୁ ମଧ୍ୟ ଦାୟିତ୍ୱରେ ରଖିଛି। ତୁଳନାତ୍ମକ ଭାବରେ ଭାରତର ଅନ୍ୟ ବଡ଼ ବଡ଼ ବ୍ୟାଙ୍କରେ ଏହା ଠାରୁ ଯଥେଷ୍ଟ ଅଧିକ ପରିମାଣରେ କର୍ମଚାରୀ ସବୁ ରହିଛନ୍ତି। ଆସନ୍ତା ଜୁଲାଇ ମାସରେ କଟକ ଜୋନାଲ ଅଫିସ ଖୋଲାଗଲେ ସେଥିପାଇଁ ତିରିଶରୁ ଚାଳିଶ ଜଣ ଅଫିସର ଆବଶ୍ୟକ ପଡ଼ିବେ।

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ଓ ଜନସାଧାରଣଙ୍କ ପାଇଁ ଲାଭଜନକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବ୍ୟାଙ୍କ ପରି ୟୁକୋ ବ୍ୟାଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କିନ୍ତୁ ଅଫିସର, କର୍ମଚାରୀ ଏପରିକି ଫିଲଡ୍ କର୍ମଚାରୀଙ୍କ ନୈରାଶ୍ୟଜନକ ଅଭାବ ରହିଥିବାରୁ ଲୋକମାନେ ସୁବିଧାଜନକ ଭାବେ ଏହି ବ୍ୟାଙ୍କରୁ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଛନ୍ତି। ଯାହାଦ୍ୱାରା ଅନେକ ଲୋକ ଏହି ୟୁକୋ ବ୍ୟାଙ୍କର ସେବା ଠାରୁ ଦୂରେଇ ଯାଉଛନ୍ତି ଏପରିକି ସେମାନଙ୍କର ସଞ୍ଚୟ ଖାତା ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ସେବା ଯୋଜନା ବାଧ୍ୟ ହୋଇ ୟୁକୋ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଟ୍ରାନ୍ସଫର କରୁଛନ୍ତି। ଓଡ଼ିଶା ସରକାରଙ୍କର ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଯୋଜନା କୁହାଯାଉଥିବା ସୁଭଦ୍ରା ଯୋଜନା ସେବା କାର୍ଯ୍ୟକ୍ରମରୁ ୟୁକୋ ବ୍ୟାଙ୍କ ଏକ ପ୍ରକାର ଅଥର୍ବ ଓ ଅପାରଗ ସେବା ଦେଉଥିବା ନେଇ ଆଲୋଚନା ମଧ୍ୟ ହେଉଛି। ନିକଟରେ ରାଜ୍ୟ ସରକାର ଓ ବ୍ୟାଙ୍କରସ୍ ବୈଠକରେ ଏ ନେଇ ସରକାର କେବଳ ଗଭୀର ଉଦବେଗ ପ୍ରକାଶ କରିନାହାନ୍ତି ବରଂ ୟୁକୋ ବ୍ୟାଙ୍କ ବିରୁଦ୍ଧରେ କଡ଼ା ଚେତନାବନୀ ସଦୃଶ ମନ୍ତବ୍ୟ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଓଡ଼ିଶାବାସୀ ଭାରତର ଅନ୍ୟତମ ପ୍ରଭାବୀ ଓ ବଡ଼ ବ୍ୟାଙ୍କ କୁହାଯାଉଥିବା ୟୁକୋ ବ୍ୟାଙ୍କ ଠାରୁ କିଭଳି ଉତ୍ତମ ସେବା ପାଇପାରିବେ ସେ ନେଇ ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। କେବଳ ସରକାରୀ ଯୋଜନା ନୁହେଁ ଜନସାଧାରଣଙ୍କ ନିୟମିତ ଆର୍ଥିକ କାରବାରର ମୁଖ୍ୟ ବ୍ୟବସ୍ଥା କୁହାଯାଉଥିବା ବ୍ୟାଙ୍କରେ ଏପରି ମନ୍ଥର ଓ କର୍ମଚାରୀ ଅଭାବରୁ ଲୋକମାନଙ୍କର ନୈରାଶ୍ୟ ତଥା ହତାଶ ଭାବ ନିଶ୍ଚିନ୍ତ ଭାବେ ଏକ ଦୁଃଖଦ ଘଟଣା। ପ୍ରଶାସନ ଓ ଉଚ୍ଚକର୍ତ୍ତୃପକ୍ଷ ଏ ନେଇ ତୁରନ୍ତ ଦାୟିତ୍ୱ ନିର୍ବାହ କରିବାର ଆଶା ରଖୁଛୁ।

**ପ୍ରଶାନ୍ତ ପାଢ଼ୀ**
**ସଭାପତି, ଏନଏସଆଇଟିୟୁ, ଭୁବନେଶ୍ୱର**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ସିନ୍ଦୂରର ଜବାବ 'ଅପରେସନ ସିନ୍ଦୂର'ରେ ଦିଆଗଲା



କାଳୀ ଦାସ

ଭାରତର ସୌର୍ଯ୍ୟ ଭାରତର ବିରତ ତିରଙ୍ଗାର ସମ୍ମାନକୁ ଆଖି ଆଗରେ ରଖି ପାକିସ୍ତାନର ଆତଙ୍କୀ ଆଡା ଉପରେ ଭାରତ ମିଜାଇଲ ଦ୍ୱାରା ଆକ୍ରମଣ କରିଛି।

ଭାରତ କେବେହେଲେ ଅନ୍ୟ ଦେଶର ସାର୍ବଭୌମ୍ୟତା ଉପରେ ତିଳେ ମାତ୍ର ହସ୍ତକ୍ଷେପ କରିନାହିଁ। ଯେଉଁଥି ପାଇଁ ଭାରତର ଚାରିପଟେ ରହିଥିବା ଛୋଟିଆ ଛୋଟିଆ ଦେଶ ଗୁଡ଼ିକ ବିନା ଭୟରେ ମୁଣ୍ଡ ଉଠାଇ ରହି ପାରିଛନ୍ତି। କିନ୍ତୁ ପାକିସ୍ତାନ ଦ୍ୱାରା ଗଠନ କରାଯାଇଥିବା ଆତଙ୍କବାଦୀ ସଂଗଠନ ଗୁଡ଼ିକ ସମୟ ସମୟରେ ଭାରତର ମାଟିକୁ ନିରିହ ଲୋକଙ୍କ ଲହୁରେ ଲହୁ ଲୁହାଣ କରିଛନ୍ତି। ଭାରତ ବିଶ୍ୱ ଦରବାରରେ ଏଥିପାଇଁ ଅନେକ ଥର ସ୍ୱର ଉଠାଇଛି। ବିଶ୍ୱର ନେତାମାନେ ଦୃଢ ହସ୍ତରେ ଯଦି ଆତଙ୍କବାଦୀ ଦେଶ ଗୁଡ଼ିକୁ ଦମନ କରନ୍ତେ ତା'ହେଲେ ଆତଙ୍କବାଦୀ ଓ ଆତଙ୍କବାଦକୁ ନିପାତ କରାଯାଇ ପାରିଥାନ୍ତା। ଆତଙ୍କବାଦ ସଭ୍ୟ ସମାଜ ପାଇଁ ଏକ ଅଭିଶାପ।

ଭାରତ ମେ' ୭ ତାରିଖ ରାତି ଗୋଟେ ପାଞ୍ଚରେ ପାକିସ୍ତାନର ଆତଙ୍କବାଦୀ ଆଡ଼ା ଯେଉଁଠି ଭାରତ ଉପରେ ହୋଇଯାଇଥିବା ଆତଙ୍କବାଦୀ ଘଟଣାର ରଚନା କରାଯାଇଥିଲା ସେଇଠି ଆକ୍ରମଣ କରିଦେଇଛି। ପାକିସ୍ତାନ ଅନ୍ତର୍ଜାତୀୟ ଫୋରମ୍‌ରେ ଭାରତର ସିନ୍ଧୁ ଚୁକ୍ତିକୁ ରଦ୍ଦ କରିବାର କଥା ଉଠାଇଥିଲା କିନ୍ତୁ ପାକିସ୍ତାନର ଭାରତ ବିରୋଧି କାର୍ଯ୍ୟ କଳାପ ଓ ପେହେଲଗାମରେ ଘଟି ଯାଇଥିବା ନରସଂହାରର ଦୃଷ୍ଟାନ୍ତ ଦେଇ ଆନ୍ତର୍ଜାତୀୟ ଫୋରମ ପାକିସ୍ତାନକୁ କଡାକଡି ସୂଚନା ଦେଇଛନ୍ତି। ତା'ସହିତ ପାକିସ୍ତାନ ଦ୍ୱାରା ଦିଆଯାଇଥିବା ନ୍ୟୁକ୍ଲିୟରର ଧମକ କଥା ମଧ୍ୟ ଉଠିଛି। ପାକିସ୍ତାନର କାର୍ଯ୍ୟ କଳାପ ସବୁବେଳେ ଭାରତ ବିରୋଧି ରହିଛି।

ପେହେଲଗାମରେ ପରିବାରର ଲୋକଙ୍କ ଆଗରେ ଘରର ପୁରୁଷଙ୍କୁ ଯେଉଁ ପରି ନିର୍ମମ ଭାବରେ ହତ୍ୟା କରାଯାଇଛି ତାହା ନିଶ୍ଚିତ ଭାବରେ ତୀବ୍ର ନିନ୍ଦନୀୟ। ସ୍ତ୍ରୀ ଓ ସନ୍ତାନଙ୍କ ଆଖି ଆଗରେ ବାପା ଓ ସ୍ୱାମୀର ନିର୍ମମ ହତ୍ୟା ନିଶ୍ଚିତ ଭାବରେ ନିନ୍ଦନୀୟ।

ଭାରତରେ ଆତଙ୍କବାଦୀ ଆକ୍ରମଣ ନୂଆ କଥା ନୁହେଁ। ଅନେକ ଥର ଆତଙ୍କବାଦୀ ଆକ୍ରମଣରେ ଆମର ସେନା ଏବେ ଆମ ଜନତାଙ୍କର ମୃତ୍ୟୁବରଣ କରିବାର ଖବର ଲୋକଲୋଚନକୁ ଆସିଛି। ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରରେ ପେହେଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୮ଜଣ ନିରିହ ଲୋକ ପ୍ରାଣ ହରାଇଥିଲେ ସେହି ଆକ୍ରମଣର ଠିକ ୧୩ ଦିନ ପରେ ଭାରତ ତାର ବଦଳା ନେଉଛି। ଭାରତ ସେନା ଭାରତର ସୀମା ଭିତରେ ରହି ପାକିସ୍ତାନୀ ଆତଙ୍କବାଦୀଙ୍କ ରହିଥିବା ୯ଟି ଯାଗାକୁ ଆକ୍ରମଣ କରିଥିଲେ ସେହି ଆକ୍ରମଣରେ ୯୦ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଭାରତୀୟ ସେନା ବାହିନୀଙ୍କ ଦ୍ୱାରା ଦୁଇ ପ୍ରମୁଖ ଲସ୍କରେ ତୋଇବା ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।

ଭାରତୀୟ ସେନା ପାକିସ୍ତାନର କୌଣସି ସାମରିକ ସ୍ଥାନରେ ଆକ୍ରମଣ କରିନଥିଲେ। ଭାରତର ଅପରେସନ ସିନ୍ଦୂର ପାକିସ୍ତାନର ସାଧାରଣ ନାଗରିକଙ୍କର କୌଣସି କ୍ଷୟ କ୍ଷତି ନକରି ବରଂ କେବଳ ଆତଙ୍କି ଆଡ୍ଡାକୁ ନଷ୍ଟ କରିଛି। ଆତାଙ୍କିଙ୍କ ୯ଟି ଆଡ୍ଡାକୁ ନଷ୍ଟ କରାଯାଇଛି। ଲସ୍କରେ ତୋଇବାର ମୁଜାଫରବାଦରେ ଥିବା ଟ୍ରେନିଂ କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଲସ୍କରେ ତୋଇବା ଅକ୍ଟୋବର ୨୦, ୨୦୨୪ରେ ସୋନ ମାର୍ଚ୍ଚ ୨୪, ୨୦୨୪ରେ ଗୁଲମାର୍ଗ ଓ ପହଲଗାମ ଆକ୍ରମଣ ପାଇଁ ଏଠାରେ ଆତଙ୍କବାଦୀଙ୍କୁ ତାଲିମ ଦିଆଯାଇଥିଲା।

ମୁଜାଫରବାଦର ଜେଇସେ ମହମ୍ମଦର ସିଏଦନା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। କେଟଲିରେ ଥିବା ଲସ୍କରେ ତୋଇବାର ଗୁଲପୁର କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ବର୍ଣ୍ଣାଲାର କ୍ୟାମ୍ପକୁ ମଧ୍ୟ ଟାର୍ଗେଟ କରାଯାଇଛି। କେଟଲିର ଆବା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଏହି ସମସ୍ତ ସ୍ଥାନରେ ଭାରତ ବିରୋଧି ଟ୍ରେନିଂ ବା ପ୍ରଶିକ୍ଷଣ ଦିଆଯାଉଥିଲା।

**କାଳୀ ଦାସ,**
**ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର, ଗଞ୍ଜାମ, ପିନ -୭୬୦୦୧୦, ଫୋନ ନମ୍ବର - ୭୨୦୫୧୦୦୮୩୯**
**Email id - kirankumardas.143gmail.com.**




# କେଡେ ସୁନ୍ଦର ରାଇଜ ମୋର



ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡିଶା ମୋ ଓଡିଶା, କେଡେ ସୁନ୍ଦର ରାଇଜ ମୋର କେଡେ ମିଠା ମୋ ଭାଷା -ଏହି ଗୀତଟି ଶୁଣିଲେ ତନୁମନରେ ଶିହରଣ ଆସେ । ମାତୃଭୂମି ଓ ମାତୃଭାଷା ପ୍ରତି ଆନ୍ତରିକତା ଭାବ ଆସେ । ସେହିପରି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ- ମାତୃଭୂମି ମାତୃଭାଷାରେ ମମତା ଯାହୃଦେ ଜନମି ନାହିଁ ତାଙ୍କୁ ଯେବେ ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କାହିଁ । ସେହିପରି ଭକ୍ତକବି ମଧୁସୂଦନଙ୍କ ଭାଷାରେ -ମାତୃଭୂମି ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ଏଥିରୁ ମାତୃଭୂମି ଓ ମାତୃଭାଷା ଆମ ଅସ୍ମିତାର ପ୍ରତୀକ ସ୍ୱଷ୍ଟରୂପେ ବାରି ହୋଇପଡେ । ଗତ ଏପ୍ରିଲ ୧ ତାରିଖରେ ଆମେ ଓଡ଼ିଶା ପ୍ରଦେଶ ଗଠନର ୮୯ତମ ପୂର୍ତ୍ତିଦିବସ ପାଳନ କରିଛେ । ଏହି ଅବସରରେ ସ୍ୱତଃ ମନେପଡିଯାଆନ୍ତି ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଥା ସମ୍ରାଟ ଫକୀର ମୋହନ, କର୍ମବୀର ଗୌରୀଶଙ୍କର, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ, ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଆହୁରି ଅନେକ । ଯେଉଁମାନଙ୍କ ଅକ୍ଳାନ୍ତ ପରିଶ୍ରମ, ଚରମ ତ୍ୟାଗ ଓ ନିଷ୍ପାପର ଉଦମ୍ୟ ଫଳରେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । ସେମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ଅତୀତର ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ।

ଭାରତବର୍ଷରେ ଭାଷାଭିତ୍ତିକ ପ୍ରଦେଶ ଗଠନ କ୍ଷେତ୍ରରେ ଓଡିଶା ହେଇଛି ପ୍ରଥମ ରାଜ୍ୟ। ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରାଯାଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ତାହା ସଫଳ ହୋଇଥିଲା ୧୯୩୬ ମସିହା ଏପ୍ରିଲ ପହିଲାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତତ୍‌କାଳୀନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ - ଏହି ଛଅଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ଛଅଟି ଜିଲ୍ଲାକୁ ନେଇ ଓଡ଼ିଶାର ସୀମା ସଙ୍କୁଚିତ ହୋଇରହିଲା ୧୯୪୭ ମସିହା ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ । ୧୯୪୮ ମସିହାରେ ଗଡଜାତ ଅଞ୍ଚଳ ମିଶ୍ରଣ ସହ ପରେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଓ ୧୯୪୯ ମସିହା ଜାନୁୟାରୀ ପହିଲାରେ ମୟୁରଭଞ୍ଜ ଜିଲ୍ଲା ମିଶିବା ପରେ ମୋଟ ୧୩ଟି ଜିଲ୍ଲାକୁ ନେଇ ଗଢାହେଲା ଆଧୁନିକ ଓଡ଼ିଶା ପ୍ରଦେଶ । ଏହି ଜିଲ୍ଲା ସଂଖ୍ୟା ଏବେ ୩୦ରେ ପହଞ୍ଚିଛି । ଏସବୁ ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ ରହିଯାଇଛି । ୧୯୩୬ ମସିହାରୁ ଅଦ୍ୟାବଧି ୮୮ବର୍ଷ ବିତିଯାଇଥିଲେ ମଧ୍ୟ ଏସବୁ ଅଞ୍ଚଳର ଏକତ୍ରୀକରଣ ନାନା ରାଜନୈତିକ କାରଣରୁ ହୋଇପାରିଲା ନାହିଁ। ଫଳସ୍ୱରୂପ, ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ପୂର୍ଣ୍ଣାଙ୍ଗ ଉତ୍କଳ ଗଠନର ସ୍ୱପ୍ନ ଏବେ ମଧ୍ୟ ସୁଦୂର ପରହାଟ।

ଏହି ସମୟ ମଧ୍ୟରେ ରାଜ୍ୟରେ ବହୁତ ଗୁଡିଏ ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଶିଳ୍ପ, କୃଷି. ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଓ ଅନ୍ୟାନ୍ୟ ଦିଗରେ ଓଡିଶା ଆଜି ଆଗେଇଛି ପୂର୍ବାପେକ୍ଷା। କିନ୍ତୁ ଆମ ପୂର୍ବସୁରୀଙ୍କ ସ୍ୱପ୍ନ ଏବେବି ଅଧୁରା ରହିଛି । ଆମର ସମୃଦ୍ଧ ପରମ୍ପରା, ମହାନ୍ ସଂସ୍କୃତି, ଆମାପ ପ୍ରାକୃତିକ ସମ୍ପଦ ଆମ ବିକାଶରେ ସହାୟକ ହୋଇପାରିନାହିଁ। ସେ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ବେଳ ନାହି। ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଓଡ଼ିଶା ଏବେବି ପଛୁଆ ରାଜ୍ୟ, ଅବହେଳିତ ମଧ୍ୟ । ଅଦ୍ୟାବଧି ରାଜ୍ୟର ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ । ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ନକହିଲେ ଭଲ। ଅନାହାର ମୃତ୍ୟୁ ଅଭିଯୋଗ ଏବେ ମଧ୍ୟ ଆମ ରାଜ୍ୟରେ ଶୁଣାଯାଏ । ଏପରିକି ଶିଶୁ ବିକ୍ରି ଭଳି ଅଭାବନୀୟ ଘଟଣା ମଧ୍ୟ ଏଠି ଘଟେ । ମାଓବାଦୀ ଓ ନକ୍ସଲବାଦୀଙ୍କ ଆକ୍ରମଣରେ ଜର୍ଜରିତ ଓଡ଼ିଶାବାସୀ ।

ବହୁ ପ୍ରତୀକ୍ଷାର ଅନ୍ତପରେ ଓଡ଼ିଆ ଭାଷାକୁ ୨୦୧୪ମସିହାରେ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଷଷ୍ଠ ଭାରତୀୟ ଭାଷା ଭାବେ ଓଡ଼ିଆ ଏହି ଗୌରବର ଅଧିକାରୀ ହୋଇପାରିଛି । ଓଡ଼ିଶାର ଏହି ଐତିହାସିକ ସଫଳତା ଓଡ଼ିଆଙ୍କୁ ଗୌରବାନ୍ୱିତ ଓ ଉତ୍ସାହିତ କରିଛି । ଏହି ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୧୧ ତାରିଖକୁ ରାଜ୍ୟ ସରକାର ଶାସ୍ତ୍ରୀୟ ଭାଷା ଦିବସ ପାଳନ କରଆସୁଛନ୍ତି । ଏପରିକି ବିଧାନ ସଭାରେ ସରକାର ଆଣୁଥିବା ବିଲ୍ ଗୁଡିକୁ ଓଡିଆ ଭାଷାରେ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି । ଦୀର୍ଘ ଦିନର ବ୍ୟବଧାନ ପରେ ଏବର ସରକାର ୧୯୫୪ ଓଡ଼ିଆ ଭାଷା ଅଧିନିୟମକୁ କାର୍ଯ୍ୟକାରୀ କରିବା ସହ ଗତ ୨୦୧୬ ଅଗଷ୍ଟ ୧୫ ତାରିଖଠାରୁ ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ପୁଣି ଥରେ ଏକ ଯୁଗାନ୍ତକାରୀ ନିଷ୍ପତି ନେଇଥିଲେ । ଇତି ମଧ୍ୟରେ ୮ବର୍ଷ ବିତିଗଲାଣି । କିନ୍ତୁ ନିକଟରେ ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ୩ରୁ ୫ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ କରିଥିଲେ । ଏପରିକି ଜିଲ୍ଲାସ୍ତରରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଓଡିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।କେବଳ ସରକାରୀ ସ୍ତରରେ ପଦକ୍ଷେପ ଯଥେଷ୍ଟ ନୁହେଁ ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଦରକାର । ଏସବୁ ସତ୍ତ୍ୱେ ଯେଉଁ ଅନ୍ଧାରିଆ ଦିଗଟି ରହିଛି ତାହା ହେଉଛି ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଅନାଦର । ଏଭଳି ଦୁଃଖଦ ପରିସ୍ଥିତି ଭାରତରେ ଅନ୍ୟ କୌଣସି ଭାଷାଭାଷୀ ଅଞ୍ଚଳରେ ଦେଖିବାକୁ ମିଳେନାହିଁ । ସେଥିପାଇଁ ତ ବାଲେଶ୍ୱରରେ ବଙ୍ଗଳା ଭାଷା ଯେତିକି ପ୍ରିୟ, ମୟୁରଭଞ୍ଜ, ସୁନ୍ଦରଗଡ, ବରଗଡ, କଳାହାଣ୍ଡି ଇତ୍ୟାଦିରେ ହିନ୍ଦୀ ଭାଷା ମଧ୍ୟ ସେଭଳି ଲୋକପ୍ରିୟ । ଗଜପତି, ଗଞ୍ଜାମ ଓ କୋରାପୁଟରେ ତେଲଗୁ ଭାଷାର ପ୍ରାଧାନ୍ୟ କମ୍ ନୁହେଁ । ଏପରି ଅବସ୍ଥାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ କଥା ଆହୁରି ତଦ୍ରୁପ। ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରାୟ ବିଲୁପ୍ତ ହେବାକୁ ବସିଲାଣି

ଗୋଟିଏ ଜାତିର ଉତ୍‌ଥାନ ପଛରେ ଥାଏ ତାର ଭାଷା । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲୁ । ଏସବୁ କଥାକୁ ଆମକୁ ବୁଝିବାକୁ ହେବ । ହେ ଓଡ଼ିଆ! ଏବେବି ସମୟ ଅଛି, ନିଦ୍ରାଭଙ୍ଗ କରି ଜାଗ୍ରତ ହେବାପାଇଁ, ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଚିହ୍ନି ନିଜ ଜାତିର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ । ତାହାଲେ ଯାଇ ଆମ ପୂର୍ବସୂରୀମାନଙ୍କର ପ୍ରକୃତ ଦାୟାଦ ବୋଲି ଆମେ ସଗର୍ବେ କହିପାରିବା।

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ - ୯୯୩୭୧୫୧୦୫୨**

# ପରୀକ୍ଷା ପୂର୍ବରୁ ଆତ୍ମହତ୍ୟା



ସୌଭାଗ୍ୟ ରଂଜନ ମହାନ୍ତି

ଆଶାଜନକ ସଫଳତା ନପାଇବା ଆଶଙ୍କାରେ ପରୀକ୍ଷା ପୂର୍ବରୁ ଏବଂ ପରୀକ୍ଷା ପରେ ୪ଜଣ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ। ଏହି ଛାତ୍ରଙ୍କ ମଧ୍ୟରେ ଦୁଇଜଣ ରାଜସ୍ଥାନ କୋଟାର ନିଟ୍ ଆଶାୟୀ ଥିବାବେଳେ ଜଣେ ପଞ୍ଜାବର ମୋହାଲିର ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ଫେରେନସିକ୍ ସାଇନସ୍ ଛାତ୍ର ଏବଂ ଅନ୍ୟ ଜଣେ ରୋପାର ଆଇଆଇଟିର ଶେଷବର୍ଷର ଛାତ୍ର। ନିଟ୍ ପରୀକ୍ଷା ପୂର୍ବରୁ ଦୁଇଜଣ ଛାତ୍ର ଆତ୍ମହତ୍ୟା ବେଳେ ଫେରେନସିକ୍ ଛାତ୍ର ଆଶାଜନକ ସଫଳତା ନପାଇବା ଆଶଙ୍କାରେ ଜୀବନ ହାରିବା ସେମାନଙ୍କ ଉପରେ ଅବିରତ ଭାବରେ ଏକାଡେମିକ୍ ଚାପ, ମାନସିକ ସ୍ୱାସ୍ଥ୍ୟ ପ୍ରତି ଅବହେଳା ଏବଂ ଅବାସ୍ତବ ଆଶା କେତେ ଯେ ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବାରେ, ତାହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଇପାରେ। ସେହିପରି ଆଇଆଇଟି ରୋପାରର ଶେଷ ବର୍ଷର ଛାତ୍ର ଜଣଙ୍କୁ ଭାଷା ଦକ୍ଷତା ଅଭାବ ବିଷ ପିଇବାକୁ ବାଧ୍ୟ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ପିତାମାତାଙ୍କ ଆଶା ପୂରଣ କରିବାରେ ବିଫଳ ହୋଇଥିବାରୁ ସୁଇସାଇଡ୍ ନୋଟରେ କ୍ଷମା ଭିକ୍ଷା କରିଛନ୍ତି, ଏଥିରୁ ସେ ପିତାମାତାଙ୍କ ଅଭିଳାଷ ପୂରଣ ପାଇଁ କେତେ ଚାପରେ ଥିଲେ, ତାହା ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ କୋଚିଂ ହବ୍ ଭାବେ ପରିଚିତ କୋଟାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୪ଜଣ ଛାତ୍ର ଜୀବନ ହାରି ସାରିଲେଣି। ଗତବର୍ଷ ୨୦୨୪ରେ ୩୨ଜଣ ଆତ୍ମହତ୍ୟା କରିଥିବା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା। କହିବା ବାହୁଲ୍ୟ ଯେ, କୋଚିଂ ହବ୍ ଏବଂ ସର୍ବଭାରତୀୟ ସ୍ତରୀୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅବିରତ ଭାବେ ଏକାଡେମିକ୍ ଚାପ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଷାକ୍ତ ପ୍ରତିଯୋଗିତା, ଅଭିଭାବକଙ୍କ ଉଚ୍ଚାଭିଳାଷ, ଅନିୟନ୍ତ୍ରିତ କୋଚିଂ ପ୍ରାକ୍ଟିସ, ସଫଳତାର ଗ୍ୟାରେଂଟି ଚାପ, ଯାହାକି ଶେଷରେ ଜୀବନ ମରଣର ସଂଗ୍ରାମ ଭାବେ ଉଭା ହୋଇଥାଏ। ଯେଉଁମାନେ ସଫଳ ହୁଅନ୍ତି, ସେମାନେ ତିଷ୍ଟି ଯାଆନ୍ତି, ଯେଉଁମାନେ ପଛରେ ପଡିଯାଆନ୍ତି, ସେମାନେ ଜୀବନ ହାରିବାରେ ପନ୍ଥା ବାଛି ନିଅନ୍ତି, ଯାହା ମନସ୍ତତ୍ୱବିତ୍ କହନ୍ତି। ଦେଶରେ କ୍ରମାଗତ ଭାବେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ଘଟଣାରେ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଯଥାର୍ଥ ଭାବେ କହିଛନ୍ତି ଯେ, ସ୍କୋର ବେସଡ୍ ଏଜୁକେସନ ସିଷ୍ଟମରେ ସଫଳତା ପାଇଁ ଅବିରତ ଭାବରେ ଚାପ ଏବଂ ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ସୀମିତ ଆସନ ପାଇଁ ଚରମ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଉପରେ ଭୟଙ୍କର ଚାପ ସୃଷ୍ଟି କରୁଛି। ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପରୁ ନିବୃତ କରିବା ଏବଂ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ସୁଧାରିବା ପାଇଁ ସର୍ବୋଚ୍ଚ ଏକ ଜାତୀୟ ଟାକ୍ସଫୋର୍ସ ଗଠନ କରିଛନ୍ତି। ମାତ୍ର ଆତ୍ମହତ୍ୟାଜନିତ ସମସ୍ୟା ଏବେ ବି ଅସମାହିତ ହୋଇରହିଛି। ଛାତ୍ରଛାତ୍ରୀଙ୍କ ଜୀବନ ହାରିବା ଘଟଣା ବଢିଚାଲିଛି। ଅନଫେୟାର ଟ୍ରେଡ ପ୍ରାକ୍ଟିସ ଏବଂ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶନ ପାଇଁ ନିକଟରେ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ବହୁ କୋଚିଂ ସେଂଟର ଉପରେ ନୋଟିସ ଜାରି କରିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ବହୁ କୋଚିଂ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଟପ୍ ର୍ୟାଙ୍କର ପ୍ରତିଶ୍ରୁତି, ବିନା ପ୍ରତିଯୋଗିତାରେ ମନୋନୟନ ଆଦି ଲୋଭନୀୟ ପ୍ରତିଶ୍ରୁତି ଦେଇ ଛାତ୍ରଛାତ୍ରୀ ଓ ପିତାମାତାଙ୍କୁ ଆକର୍ଷିତ କରୁଥିବା ବହୁ ନଜୀର ରହିଛି। ଯେଉଁ ଦୁର୍ବଳ ଛାତ୍ରଛାତ୍ରୀ ସେମାନଙ୍କ ଟ୍ରାପ୍‌ରେ ପଡନ୍ତି, ପିତାମାତାଙ୍କ ଅଭିଳାଷ ପୂରଣ କରିବାରେ ଅସଫଳ ଓ ପ୍ରତିଯୋଗିତା ସାମିଲ ବ୍ୟର୍ଥତା ସେମାନଙ୍କୁ ଶେଷରେ ଜୀବନ ହାରିବାକୁ ବାଧ୍ୟ କରେ। ସେହିପରି କୋଚିଂ ସେଂଟର(କଂଟ୍ରୋଲ ଆଣ୍ଡ ରେଗୁଲେସନ) ବିଲ୍ ଆଣିବାକୁ ରାଜସ୍ଥାନ ସରକାର ଚିଠା ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ନାମଲେଖା ପୂର୍ବରୁ ଆଶାୟୀ ଛାତ୍ରଛାତ୍ରୀଙ୍କୁ କାଉନସେଲିଂ, ଦକ୍ଷତା ପରୀକ୍ଷା ବାଧ୍ୟତାମୂଳକ ରହିଛି। ଏହା ନିସନ୍ଦେହ ଯେ, କଠୋର ଆଭିମୁଖ୍ୟ ବା କଡାକଡି ଆଇନ ଲାଗୁ କରିବା ବିନା ଏହି ଆଇନ କେବଳ ସାଂକେତିକ ହୋଇରହିଯିବ। ଆହୁରି ମଧ୍ୟ ଶିକ୍ଷାନୁଷ୍ଠାନ ଏବଂ ଅଭିଭାବକମାନଙ୍କ ଉତରଦାୟିତ୍ୱ ଅଭାବ ଏଭଳି ଦୁଃଖଦାୟକ ପରିସ୍ଥିତି ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଛାତ୍ରଛାତ୍ରୀଙ୍କ ମୃତ୍ୟୁ ପାଇଁ ଉଭୟେ ପରସ୍ପର ବରୁଦ୍ଧରେ ଅଭିଯୋଗ କରୁଛନ୍ତି। ସେହିପରି ଅଭିଭାବକମାନେ ମଧ୍ୟ ଆତ୍ମସମୀକ୍ଷା କରିବା ଉଚିତ୍। ନିଜ ସ୍ୱାର୍ଥ ପାଇଁ ଦୁର୍ବଳ ପିଲାମାନଙ୍କୁ ଅଧ୍ୟୟନ ପାଇଁ ବାଧ୍ୟ କରିବା ଏବେ ଅଭିଭାବକମାନଙ୍କ ପାଇଁ ଏକ ପରମ୍ପରା ହୋଇଗଲାଣି। ଯାହା ବନ୍ଦ ହେବା ଜରୁରୀ। ଯୁବ ଛାତ୍ରଛାତ୍ରୀମାନଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କଠୋର ଆଇନ ପ୍ରଣୟନ କରିବା ସାଂପ୍ରତିକ ସମୟର ସବୁଠାରୁ ବଡ ଆବଶ୍ୟକତା ବୋଲି ମନେହୁଏ। ଏଥି ସହ ଦେଶରେ ଟପ୍ପର ସଂସ୍କୃତି ଯଥାଶୀଗ୍ର ଉଚ୍ଛେଦ ହେବା ଜରୁରୀ।

**ସମ୍ମାନ ଭବନ, ପ୍ଲଟ ନଂ- ୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦୨ ମୋବାଇଲ ନଂ-୭୯୭୮୬୬୬୪୦୩**

# ଖଣି ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା

## ବେଆଇନ ବାଲି ଚୋରାଚାଲାଣ ଉପରେ କଡା ଅଭିଯାନ



**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ):** ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଖଣି ଓ ପରିବହନ ବିଭାଗର କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଥିଲେ। ମନ୍ତ୍ରୀ ବେଆଇନ ବାଲି ଚୋରାଚାଲନ ବିରୋଧରେ କଡା ଅଭିଯାନ ଆରମ୍ଭ କରିବା ଓ ସମସ୍ତ ବାଲି ଘାଟ/ସୈରତରେ ସୂଚନା ଫଳକ ସ୍ଥାପନ କରିବାକୁ ସପ୍ତାହ ମଧ୍ୟରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଫଳକରେ ଘାଟର ନାମ, ମାଲିକ, ଲାଇସେନ୍ସ ସଂଖ୍ୟା, ଦୈନିକ ଉଠାଣ ଲକ୍ଷ୍ୟ, ମହଜୁଦ ପରିମାଣ ଓ ଅନ୍ୟାନ୍ୟ ତଥ୍ୟକୁ ଉପଲବ୍ଧ କରିବା ଉପରେ ପରାମର୍ଶ ଦେଇଥିଲେ। ସେ ଏହି ଅବସରରେ ଅନୁମୋଦିତ ରାସ୍ତା ମାଧ୍ୟମରେ କେବଳ ବାଲି ବୋଝାଇ ଗାଡ଼ି ଚଳାଚଳ କରିବାକୁ ଅନୁମତି ଦେବା ଓ ଘାଟ ଉପରେ ସିସିଟିଭି କ୍ୟାମେରା, ଗାଡ଼ିରେ ଜିପିଏସ ଲଗାଇ ଟ୍ରାକିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ବେଆଇନ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଏବଂ ସରକାରୀ ରାଜସ୍ୱ ବୃଦ୍ଧି ସୁନିଶ୍ଚିତ କରାଯାଇପାରିବ ବୋଲି ସୂଚିତ କରିଛନ୍ତି। ଏହି ବୈଠକରେ ସେ ପରିବହନ ବିଭାଗର ଗତ ବର୍ଷର ରାଜସ୍ୱ ଆଦାୟ, ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ, ଅମାନିଆ ଚାଳନା, ମଦୁଆ ଚାଳକ, ଓଭରଲୋଡିଂ ଓ ଶୋ-ରୁମ ଷ୍ଟକ ଯାଞ୍ଚ ଇତ୍ୟାଦି ବିଷୟରେ ଅଧିକାରୀଙ୍କ ନିକଟରୁ ବିସ୍ତୃତ ତଥ୍ୟ ଅନୁଧ୍ୟାନ କରିଥିଲେ। ସେ ଦୁର୍ଘଟଣା ପ୍ରବଣ ସ୍ଥାନ, ସ୍ୱାସ୍ଥ୍ୟ ଯୋଜନାରେ ଆହତଙ୍କ ସହାୟତା, ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା ବିଷୟରେ ମଧ୍ୟ ବୈଠକରେ ସମୀକ୍ଷା କରିଥିଲେ। ବୈଠକର ଆରମ୍ଭରେ ଜିଲ୍ଲାପାଳ ଅନ୍ୟା ଦାସ ସ୍ୱାଗତ ଭାଷଣ ଦେଇଥିଲେ ଓ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଧନ୍ୟବାଦ ଜଣାଇଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଉପଜିଲ୍ଲାପାଳ ସୁବର୍ଣ୍ଣପୁର ଡ଼ା. ସୌମ୍ୟ ରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ପରିବହନ ବ୍ୟବସ୍ଥାପକ ଏମ. ରାଜଲକ୍ଷ୍ମୀ, ଜିଲ୍ଲା ଖଣି ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ଜିଲ୍ଲାରେ ଜନସେବା ଓ ବିକାଶକୁ ଅଧିକ ଲୋକାଭିମୁଖୀ ଭାବେ ଗଢ଼ିବା ପ୍ରୟାସ ଜାରି ରଖିବା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ବିଭାଗ ସମନ୍ୱୟ ପୂର୍ବକ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

# ପ୍ରତିଷ୍ଠିତ ବ୍ୟବସାୟୀ, ସମାଜସେବୀ ଏବଂ ବରିଷ୍ଠ ଲାୟନ ସଦସ୍ୟ ସଞ୍ଜୟ ସାହୁଙ୍କ ସ୍ମୃତି ସଭାରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ



**ଟିଟିଲାଗଡ଼,(ଡିକେ ନ୍ୟୁଜ):** ଟିଟିଲାଗଡ଼ ସହରର ପ୍ରତିଷ୍ଠିତ ସମାଜସେବୀ, ବ୍ୟବସାୟୀ, ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ତଥା ପିଏମସିସି ଏବଂ ଡିଜି ପଦବୀରେ ରହି ନିଜର ଅଞ୍ଚଳର ବିକାଶ ପାଇଁ ତଥା ଲୋକଙ୍କ ପାଇଁ ସେବା ସହଯୋଗର ହାତ ବଢ଼ାଉଥିବା ଏକ ବିଶିଷ୍ଟ ବ୍ୟକ୍ତି ଭାବେ ସଞ୍ଜୟ ସାହୁ ପରିଚିତ ଥିଲେ। ଚଳିତ ମାସ ମାସ ୨୬ ତାରିଖ ସକାଳେ ହୃଦ୍‌ଘାତରେ ପରଲୋକ ଗମନ ଘଟିଥିଲା। ସ୍ୱର୍ଗତ ସଞ୍ଜୟ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗୋବିନ୍ଦ ବାଟିକା ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭ ପୂର୍ବରୁ ସ୍ୱର୍ଗତ ସଞ୍ଜୟ ସାହୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦ୍ୱିପ ପ୍ରଜ୍ୱଳନ କରିବା ପରେ ତାଙ୍କର ଆତ୍ମାର ଶାନ୍ତି ନିମନ୍ତେ ପିତାମ୍ବର ଶର୍ମା ଓ ରଜତ ଶର୍ମାଙ୍କ ଦ୍ୱାରା ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହାପରେ ଆସିଥିବା ଅତିଥି ମାନେ ଶ୍ରୀ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ସଞ୍ଜୟ ସାହୁଙ୍କ ପରିବାର ସଦସ୍ୟଙ୍କ ସହ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗିର ସାଂସଦ ସଙ୍ଗୀତା ସିଂଦେଓ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଟିଟିଲାଗଡ଼ ପୌର ପରିଷଦର ଅଧକ୍ଷା ମମତା ଦେବୀ ଜୈନ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେର, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଲାୟନ୍ସ କ୍ଲବର ଡ଼ିଜି ଲାୟନ ପ୍ରଦୀପ ଅଗ୍ରୱାଲ, ପିଡିଜି ଯମୁନା ପ୍ରସାଦ ଗୋଏଲ, ପ୍ରବୀଣ ଅଗ୍ରୱାଲ, ବେଣୁ ମାଧବ ଦୋରା, ପଦ୍ମ ଚରଣ ନାୟକ, ଭିଡିଜି ୱାନ ମମତା ଗୌତମ, ଭିଡିଜି ଟୁ ଦୁର୍ଗେସ ନନ୍ଦିନୀ, ଟିଟିଲାଗଡ଼, କେସିଙ୍ଗା, କଣ୍ଟାବାଞ୍ଜି, ପାଟଣାଗଡ, ରାଉରକେଲା, ସମ୍ବଲପୁର, ତଥା ରାଜ୍ୟ ବାହାରୁ ମଧ୍ୟ ଲାୟନ୍ସ କ୍ଲବର ସଦସ୍ୟ ମାନେ ଆସି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଈଶ୍ୱର ଜୈନ। ସ୍ୱର୍ଗତ ସାହୁଙ୍କ ନିଧନରେ ସମଗ୍ର ଅଞ୍ଚଳ ତଥା ଲାୟନ୍ସ କ୍ଲବ ପାଇଁ ଏକ ବିରାଟ କ୍ଷତି ହେବା ସହ ଗୋଟିଏ ହୃଦୟବାନ ବ୍ୟକ୍ତିଙ୍କୁ ହରେଇଛୁ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ।

## ବାଲି ମାଫିଆଙ୍କ ଦୌରାତ୍ମ୍ୟ : ଗଛ କାଟି ନେଇ ଗଲେ ବାଲି



**ପାରାଦ୍ୱୀପ,(ଡିକେ ନ୍ୟୁଜ):** ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବାଲି ମାଫିଆଙ୍କ ଦୌରାତ୍ମ୍ୟ। ପାରାଦୀପ ଲକଥାନା ଅଧିନ ନିମିଢି ଗ୍ରାମ ଶ୍ମଶାନ ନିକଟ ଜଙ୍ଗଲ ଜମିରୁ ଦିନ ଦ୍ୱିପହରରେ ବାଲି ମାଫିଆମାନେ ବାଲି ଲୁଟ୍ କରୁଥିବା ଅଭିଯୋଗ ଆଣିଛନ୍ତି ଜଙ୍ଗଲ ଜମିକୁ ରକ୍ଷଣାବେକ୍ଷଣ କରୁଥିବା ଶିବ ନାୟକ। ଭୂମିହୀନ ଥିବା ନିମିଢି ଗ୍ରାମର ଶିବ ନାୟକଙ୍କୁ ଜଙ୍ଗଲ ବିଭାଗ ପକ୍ଷରୁ ୯୯ ବର୍ଷିୟା ଲିଜ୍ ଆକାରରେ ଦିଆଯାଇଥିବା ବେଳେ ଏହି ଜମିରେ ସେମାନେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବା ସହିତ ପ୍ରତ୍ୟେକ ବର୍ଷ ନୂଆ ଗଛ ଲଗାଯାଇ ଥାଏ। ତେବେ ଏହିପରି ଦୀର୍ଘ ୫୦ ବର୍ଷ ହେବ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଥିବା ଗତ ଗୁରୁବାର ଶିବ ଏବଂ ତାଙ୍କ ପରିବାର ଘରେ ନଥିବା ବେଳେ ଦୁର୍ବୃତ୍ତ ମାନେ ଉକ୍ତ ଜଙ୍ଗଲରେ ଗଛ ଗୁଡିକୁ କାଟି ସେଥିରୁ ଟ୍ରାକଟର ଯୋଗେ ଟ୍ରିପ୍ ଟ୍ରିପ୍ ବାଲି ବୋହି ନେଇ ଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ବନ ବିଭାଗ ସେଠାରେ ପହଞ୍ଚିଥିବା ବେଳେ ବାଲି ମାଫିଆ ମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ବାଲି ମାଫିଆମାନଙ୍କ ଦୌରାତ୍ମ୍ୟ ଯୋଗୁଁ ବଡବଡ ଗଛ ଗୁଡିକୁ କାଟି କରାଯାଇ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟି ଦେଇ ବାଲି ମାଫିଆ ମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଙ୍ଗଲ ସୃଷ୍ଟି କରିଥିବା ଶିବ ନାୟକ ପ୍ରଶାସନକୁ ନିବେଦନ କରିଛନ୍ତି। ନଚେତ୍ ଜଙ୍ଗଲ ଗୁଡିକ ଆଗକୁ ଧ୍ୱଂସ ପାଇଯିବ ବୋଲି ରକ୍ଷଣାବେକ୍ଷଣ କରି ଜଗି ରହିଥିବା ଶିବ ନାୟକ କହିଛନ୍ତି।

## ଉପର ମୁଣ୍ଡରେ ଛତିଶଗଡ ସରକାରଙ୍କ ବ୍ୟାରେଜ ନିର୍ମାଣ

# ହ୍ରାସ ପାଉଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର



**ସମ୍ବଲପୁର,(ଡିକେ ନ୍ୟୁଜ):** ହୀରାକୁଦ ଡ୍ୟାମର ଜଳସ୍ତର ସାଙ୍ଘାତିକ ଭାବେ କମିବାରେ ଲାଗିଛି। ବିଗତ ବର୍ଷର ରେକର୍ଡ ଭାଙ୍ଗି ଜଳସ୍ତର ୩.୧୭ଫୁଟ ଖସିଛି। କ୍ରମାଗତ ଭାବେ ଜଳସ୍ତର ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। ହୀରାକୁଦ ଡ୍ୟାମର ଜଳସ୍ତର ୬୦୮.୦୪ଫୁଟ ରହିଛି । ଗତବର୍ଷ ଆଜିର ଦିନରେ ଜଳସ୍ତର ୬୧୧, ୨୧ଫୁଟ ରହିଥିଲା। ଏହାକୁ ନେଇ ମହାନଦୀ ଉପରେ ନିର୍ଭର କରୁଥିବା ଲୋକେ ଚିନ୍ତାରେ ପଡି ଯାଇଛନ୍ତି। ଛତିଶଗଡ ଉପରମୁଣ୍ଡରେ ଡ୍ୟାମ ଓ ଆନିକଟ ନିର୍ମାଣ କରି ପାଣିକୁ ଅଟକାଇ ରଖିଛି। ଏହାଦ୍ୱାରା ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ହଜାର ୨୪୭ଘନଫୁଟ ଜଳ ପ୍ରବେଶ କରୁଛି। ଲକ୍ଷାଧିକ ବଦଳରେ ମାତ୍ର ଅଳ୍ପ ପରିମାଣର ଜଳ ପ୍ରବେଶ କରୁଥିବାରୁ ୭ହଜାର୬୨୮ଘନଫୁଟ ଜଳ ନିଷ୍କାସିତ କରାଯାଉଛି। ସେଥିମଧ୍ୟରୁ ୪ହଜାର ୨୯୪ଘନ ଫୁଟ ପାୱାର ଚେନାଲ, ୧ହଜାର ୯୯୭ଘନଫୁଟ ଜଳସେଚନ, ୨୬୩ ଘନଫୁଟ ଶିଳ୍ପ, ୯୩୫ ଘନଫୁଟ ଜଳ ବାଷ୍ପୀଭୂତ ହେଉଛି। ଅଣମୌସୁମୀ ସମୟରେ ହୀରାକୁଦକୁ ଅଳ୍ପ ପରିମାଣ ଜଳ ପ୍ରବେଶ କରୁଥିବା ବେଳେ ମହାନଦୀର ତଳମୁଣ୍ଡରେ ଜଳପ୍ରବାହ ହାର ମଧ୍ୟ କମୁଛି। ଏହାଦ୍ୱାରା ମହାନଦୀର ତଳମୁଣ୍ଡରେ ରହୁଥିବା ଲୋକେ ପାଣି ଟୋପେ ପାଇଁ ବେଶ ହନ୍ତସନ୍ତ ହେଉଛନ୍ତି। ମହାନଦୀ ଓଡିଶାର ଜୀବନ ରେଖା। ମହାନଦୀ ପାଣିକୁ ଅଟକାଇ ହୀରାକୁଦ ନଦୀବନ୍ଧ ସ୍ଥାପନ କରାଯାଇଛି। ଡ୍ୟାମରେ ଜଳସ୍ତର କମୁଥିବା ବେଳେ ମହାନଦୀ ଉପରେ ତାହାର ବେଶ ପ୍ରଭାବ ପଡୁଛି। ଅନେକ ସ୍ଥାନରେ ମହାନଦୀର ଶର୍ଯ୍ୟା ଶୁଖିଲା ପଡି ରହିଛି। ଯେଉଁଠି ଦିନେ ପାଣି ଜମି ରହୁଥିଲା ତାହା ପୁଣି ପାଣି ବିନା ଟାଙ୍ଗରା ଭୂଇଁ ଦେଖାଗଲାଣି। ଏହାର ପ୍ରଭାବ ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍ ଉତ୍ପାଦନ ଉପରେ ପଡୁଛି। ସେହିପରି ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେଉଛି। ପାଣି ଅଭାବରୁ ୱାଟର ସ୍ପୋର୍ଟସ୍ ଉପରେ ପ୍ରଭାବ ପଡୁଥିବା ବେଳେ ପର୍ଯ୍ୟଟନ ଶିଳ୍ପରେ ବାଧା ଉପୁଜୁଛି। ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ରହିଛି। ବର୍ତ୍ତମାନ ଟ୍ରିବ୍ୟୁନାଲରେ ମାମଲା ଥିବାବେଳେ ଉଭୟ ରାଜ୍ୟ ସରକାର ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଜରୁରୀ ଅଟେ। ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ଉପୁଜୁଛି। ଛତିଶଗଡ ସରକାରଙ୍କ ମନମାନୀ ଯୋଗୁଁ ମହାନଦୀ ଜଳ ସୁପରିଚାଳନା ହୋଇପାରୁନାହିଁ। ଯାହାର ପ୍ରଭାବ ବିଶେଷ ଭାବେ ଅଣମୌସୁମୀ ସମୟରେ ଦେଖିବାକୁ ମିଳୁଛି। ତେବେ ଖରାଦିନେ ମହାନଦୀରେ ପାଣି କମିବା ସ୍ୱାଭାବିକ ଅଟେ। ମାତ୍ର ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାର ବ୍ୟାରେଜ ନିର୍ମାଣ କରିବା ପରେ ଏଭଳି ସ୍ଥିତି ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି।

# ସମ୍ବାଦ ସାହିତ୍ୟଘର ବାର୍ଷିକ ଉତ୍ସବ



**ପାରାଦ୍ୱୀପ,(ଡିକେ ନ୍ୟୁଜ):** କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ କୁଜଙ୍ଗ 'ସମ୍ବାଦ ସାହିତ୍ୟଘର' ର ବାର୍ଷିକ ଉତ୍ସବ ଅନୁଷ୍ଠିତ। ଆୟୋଜିତ ଏହି ଉତ୍ସବରେ ଉଦଘାଟକ ଭାବେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ଼ର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ ଓ ସାହିତ୍ୟ ଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା ପ୍ରମୁଖ ଅନ୍ୟ ଅତିଥି ମାନେ ଯୋଗଦେଇ ଥିଲେ। ଆୟୋଜିତ ଏହି ଉତ୍ସବରେ କୁଜଙ୍ଗ ସମ୍ବାଦ ସାହିତ୍ୟ ଘରର ଭାଷା ଓ ଘରକୁ ସମୃଦ୍ଧ କରିବା ଉପରେ ବକ୍ତବ୍ୟ ପ୍ରଦାନ କରା ଯାଇଥିଲା। ପ୍ରତିଘର ସାହିତ୍ୟ ଘର ହେଲେ ସାହିତ୍ୟ ଓ ସଂସ୍କୃତି ସୁରକ୍ଷିତ ରହିବ ବୋଲି ସୌମ୍ୟ ରଞ୍ଜନ ପଟ୍ଟନାୟକ ବକ୍ତବ୍ୟରେ କହିଥିଲେ। ସାହିତ୍ୟ ଦୃଷ୍ଟିରୁ କୁଜଙ୍ଗ ଏକ ସମୃଦ୍ଧ ସ୍ଥାନ ହୋଇଥିବା ବେଳେ ଏଠାରେ ଅନେକ ସାହିତ୍ୟିକ ଅଛନ୍ତି। ତେଣୁ କୁଜଙ୍ଗ ସାହିତ୍ୟ ଘରକୁ ସମୃଦ୍ଧ କରିବା ପାଇଁ ସମସ୍ତଙ୍କର ଚେଷ୍ଟା ରହିବା ଦରକାର ବୋଲି ଅତିଥି ମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ରୁନିବାଳା ମଲ୍ଲିକଙ୍କ 'ନିଶାମୁକ୍ତ ଓଡିଶା' ନବୀନ କୁମାର ପ୍ରଧାନ ଙ୍କ 'ଜ୍ୟୋତ୍ସ୍ନା', ଗୀତା ଦାସ୍‌ଙ୍କ 'ପ୍ରାଣ ର ଜୟଶ୍ରୀ' ପୁସ୍ତକ ଅତିଥି ମାନେ ଉନ୍ମୋଚନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ କୁଜଙ୍ଗ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ କବିମାନେ ସ୍ୱରଚିତ କବିତା ପାଠ କରିଥିବା ବେଳେ ପ୍ରାରମ୍ଭରେ ପାଇକ ଆଖଡ଼ କଳାକାର ମାନେ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ସଭାସ୍ଥଳୀକୁ ପାଛୋଟି ଆଣିଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ।

# ସରସତୀ ଡିଗ୍ରୀ ବିଦ୍ୟାମନ୍ଦିର ନୀଳକଣ୍ଠନଗରରେ ଯୁକ୍ତ ତିନି କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ସୋମବାର ଦିନ ସରସତୀ ଡିଗ୍ରୀ ବିଦ୍ୟାମନ୍ଦିର ନୀଳକଣ୍ଠନଗର ପ୍ରାଙ୍ଗଣରେ ଯୁକ୍ତ ତିନି ବିଜ୍ଞାନ ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ସ୍ନାତକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ପରିପ୍ରେକ୍ଷୀରେ ୨୦୨୫ ମସିହାରେ ଏହି ଅନୁଷ୍ଠାନରୁ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ସ୍ନାତକ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ପ୍ରକାଶଯୋଗ୍ୟ, ସଦ୍ୟ ପ୍ରକାଶିତ ଫଳାଫଳରୁ ଏହି ଅନୁଷ୍ଠାନରୁ ଚଳିତ ବର୍ଷ ୪୧ ଜଣ ଛାତ୍ରଛାତ୍ରୀ ୭ଟି ସମ୍ମାନ ବିଭାଗରେ ପ୍ରଥମ ୧୦ଟି ର୍ୟାଙ୍କ୍ ଭିତରେ ନିଜର ଯୋଗ୍ୟତା ପ୍ରତିପାଦନ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଏହି ଅନୁଷ୍ଠାନରୁ ଦୀର୍ଘ ୭ ବର୍ଷ ହେଲା ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ସର୍ବଶ୍ରେଷ୍ଠ ସ୍ନାତକର ଉପାଧି ପ୍ରାପ୍ତ କରି ଆସୁଛନ୍ତି। ଏହି ଅନୁଷ୍ଠାନର କମ୍ପ୍ୟୁଟର ବିଜ୍ଞାନର ଛାତ୍ର ଶ୍ରୀମାନ୍ ଶେଷଦେବ ଆଚାରୀ ଚଳିତ ବର୍ଷ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ସର୍ବଶ୍ରେଷ୍ଠ ସ୍ନାତକ ଉପାଧି ପ୍ରାପ୍ତ କରିଛନ୍ତି। ଏହି ଅବସରରେ ଉଚ୍ଚ ଶିକ୍ଷା କ୍ଷେତ୍ରର ବରିଷ୍ଠ ଏବଂ ବରେଣ୍ୟ ବ୍ୟକ୍ତିତ୍ୱ ଯଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ଗୀତାଞ୍ଜଳୀ ଦାଶ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାଧାପକ ଜ୍ଞାନରଞ୍ଜନ ସାଇଁ, ବିଦ୍ୟାଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନର ଓଡ଼ିଶା ମୁଖ୍ୟ ଡ. ପ୍ରଶାନ୍ତ କୁମାର ରାଉତ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉପ କୁଳସଚିବ, ଡ. ବାବୁଜୀ ସାମଲ, ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଭେଙ୍କେଟ୍ ରାଓ, ସଦସ୍ୟ ନରସିଂହ ଚୌଧୁରୀ, ପ୍ରଣତୀ ସାମଲ, ଉପଦେଷ୍ଟା ମମତା ପାଣିଗ୍ରାହୀ, ମହାବିଦ୍ୟାଳୟର ଡିନ୍ ଡ. ବିବେକାନନ୍ଦ ପଣ୍ଡା, ବିଦ୍ୟାଳୟର ଅଧ୍ୟକ୍ଷ ଏସ୍ ମୋହନ ରାଓ, ଶୈକ୍ଷିକ ପରାମର୍ଶଦାତା ଶ୍ରୀମାନ୍ ଉମାଧବ ମହାନ୍ତି ଏବଂ ପ୍ରାଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ମଞ୍ଚାସୀନ ରହି ସମସ୍ତଙ୍କୁ ପ୍ରୋତ୍ସାହନ ଯଥା ପ୍ରେରଣା ଯୋଗାଇଥିଲେ। ଏହି ଅବସରରେ ବରିଷ୍ଠ ସହ-ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ବରିଷ୍ଠ ଶିକ୍ଷକ ସମୀର କୁମାର ବାରିକ ଏବଂ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପୁରୋହିତ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ଛାତ୍ରଛାତ୍ରୀମାନଙ୍କୁ ଭଲ ଛାତ୍ର ହେବା ସହ ଉତ୍ତମ ମଣିଷ ହେବାପାଇଁ ମାର୍ଗଦର୍ଶନ କରିଥିଲେ। ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଛାତ୍ରଛାତ୍ରୀମାନଙ୍କୁ ତ୍ୟାଗପୂର୍ଣ୍ଣ ଜୀବନ, କଠୋର ପରିଶ୍ରମ ସହ, ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବା ପାଇଁ କହିଥିଲେ।

# ଏପଟେ ଜୀବନ ଯନ୍ତ୍ରଣା, ସେପଟେ ଦେଶ ଭକ୍ତି, ମଝି ଦରିଆରେ ଯବାନ

## ଯବାନ ସ୍ତ୍ରୀଙ୍କୁ ମିଳିଲାନି ରକ୍ତ, ଧାଇଁ ଆସିଲେ ସ୍ୱେଚ୍ଛାସେବୀ







**ସମ୍ବଲପୁର,(ଡିକେ ନ୍ୟୁଜ):** ମନ ଖୋଜୁଥିଲା ପରିବାର। ପରିବାର ନିକଟରେ ପହଞ୍ଚି ଗର୍ଭବତୀ ସ୍ତ୍ରୀଙ୍କ ସେବା ଶୁଶ୍ରୁଷା କରିବାକୁ ଯବାନ ହୋଇଥିଲେ ଘରମୁହାଁ। କିନ୍ତୁ ଠିକ କାମ ବେଳକୁ ଦାୟିତ୍ୱ ଡାକିଲା ଦେଶ ସୁରକ୍ଷା ପାଇଁ। ଏଭଳି ଏକ ବାସ୍ତବତାର କାହାଣୀ ଏବେ ସାମ୍ନାକୁ ଆସିଛି। ଏପଟେ ଜୀବନ ଯନ୍ତ୍ରଣା, ସେପଟେ ଯୁଦ୍ଧ, ମଝି ଦରିଆରେ ଯବାନ ଭଳି ଶୀର୍ଷକ କାହାଣୀ ଶୁଣିଲେ ଛାତି ଥରିଯିବ। ନିଜ ଗର୍ଭବତୀ ସ୍ତ୍ରୀଙ୍କ ପ୍ରସବ ସେବା ଓ ବାପା ମାଁ ହେବାର ଅସୁମାରୀ ସ୍ୱପ୍ନ ଧରି ଏପ୍ରିଲ ୧୮ରେ ଏକ ମାସର ଛୁଟି ନେଇ ଆସିଥିବା ଯବାନଙ୍କ ସ୍ୱପ୍ନ କିନ୍ତୁ ଅଧୁରା ରହିଗଲା। ଏକ ମାସ ପୁରିବ କଣ ନିଜ ସ୍ତ୍ରୀଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହେବା ଅପୂର୍ବ ଖୁସୀ ଭିତରେ ମୁମୂର୍ଷୁ ଅବସ୍ଥାରେ ଥିବା ସ୍ତ୍ରୀଙ୍କୁ ମେଡିକାଲ ବେଡ଼ରେ ଛାଡି ସ୍ୱାମୀ ଯବାନ ଫେରିଗଲେ ଦେଶ ସୁରକ୍ଷା ପାଇଁ। ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଆଶାନ୍ତିର ବାତାବରଣ ଭିତରେ ଶାନ୍ତିର ବାର୍ତ୍ତା ଧରି ଯବାନ ରଣକ୍ଷେତ୍ରରେ ପ୍ରସ୍ତୁତ ହେବାକୁ ଚଢିଲେ ଟ୍ରେନ। ଏଭଳି ବାସ୍ତବତାର ଚିତ୍ର ସାମ୍ନାକୁ ଆସୁଥିବା ବେଳେ ପ୍ରସୂତି ମାଁ ଙ୍କୁ ମିଳୁନି ଭୀମସାର ପରି ହସ୍ପିଟାଲରେ ଓ ପଜିଟିଭ ଭଳି ସାଧାରଣ ରକ୍ତ। ଏହା ଜାଣି ଯବାନ ସ୍ତ୍ରୀଙ୍କୁ ରକ୍ତ ଦେବାକୁ ଧାଇଁ ଆସିଛନ୍ତି ଜଣଙ୍କ ପରେ ଜଣେ ସ୍ୱେଚ୍ଛାସେବୀ। ଏଭଳି ଏକ ମହନୀୟ ସେବା ବିଷୟରେ ଯବାନ ଜାଣୁଥିଲେ ମଧ୍ୟ ମନ ଭିତରେ କାନ୍ଦୁଛନ୍ତି ଗୁମୁରି ଗୁମୁରି। ତେବେ ବି ଦେଶ ମାତୃକାର ସୁରକ୍ଷା ଭିତରେ ଜନନୀ ସେବାରେ ଜନ ସାଧାରଣଙ୍କ ତ୍ୟାଗ ଓ ମାନବୀୟତାକୁ ସେ ମୁଣ୍ଡ ପାତି ସମ୍ମାନ ଜଣାଇଛନ୍ତି। ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବା ବେଳେ ଜଣେ ଯବାନଙ୍କୁ ଡାକରା ଆସିବା ପରେ ଏଭଳି ଏକ ଘଟଣାର ଚିତ୍ର ଲୋକ ଲୋଚନକୁ ଆସିଛି। ଝାରସୁଗୁଡା ଜିଲ୍ଲା ଲଖନପୁର ଟେଙ୍ଗନାମାଳ ଗ୍ରାମର ଯବାନ ଦେବରାଜ ଗଣ୍ଡଙ୍କ ଜୀବନରେ ଦେଖାଦେଇଛି ଏଭଳି ଜୀବନ ଯନ୍ତ୍ରଣା। ସ୍ତ୍ରୀ ଲିପି ଗଣ୍ଡ ଭର୍ତ୍ତି ହୋଇଥିଲେ ପ୍ରସବ ପାଇଁ। କିନ୍ତୁ ଏକ କନ୍ୟା ସନ୍ତାନ ପ୍ରସବ ପରେ ରକ୍ତ ହୀନତା ଓ ଫୁସ ଫୁସ ଜନିତ ସଂକ୍ରମଣରେ ଆକ୍ରାନ୍ତ ହେଲେ ଲିପି। ବର୍ତ୍ତମାନ ସେ ବୁର୍ଲା ଭୀମସାର ଆଇସିୟୁରେ ଭର୍ତ୍ତି ହୋଇ ଜୀବନ ପାଇଁ ସଂଗ୍ରାମ ଚଳାଇଛନ୍ତି। ସେପଟେ ଯବାନ ସ୍ୱାମୀ ଦେବରାଜ ସୀମାନ୍ତରୁ ଜରୁରୀ କାଳୀନ ଡାକରା ପାଇ ଦେଶର ସୀମା ଆଭିମୁଖେ ଦେଶସେବା ପାଇଁ ଯାତ୍ରା କରିଛନ୍ତି। ଦେଶସେବା ଓ କର୍ତ୍ତବ୍ୟ ଆଗରେ ପରିବାରକୁ ପଛ କରିଦେଇଛନ୍ତି ଯବାନ। ଗତ ୧୪ ଦିନ ଧରି ନବଜାତ ଶିଶୁ ବାପା ମାଙ୍କ ସେବା ଶୁଶ୍ରୁଷାରୁ ବଞ୍ଚିତ ଓ ଜୀବନ ସଂଘର୍ଷରେ ଲଢେଇ କରୁଥିବା ଏହି ପରିବାରର ଯତ୍ନ କିମ୍ବା ଏଥିରେ ବଳି ପଡିନି। ଭୀମସାର ଅଧିକ୍ଷକ ପ୍ରଫେସର ଡାକ୍ତର ଲାଲ ମୋହନ ନାଏକ ଏବଂ ବିଶେଷଜ୍ଞ ଦଳ ଲିପି ଓ ତାଙ୍କ ନବଜାତ ଶିଶୁ କନ୍ୟାର ଚିକିତ୍ସା କରୁଥିବା ବେଳେ ପ୍ରସୂତି ମାଙ୍କୁ ରକ୍ତ ଦେବା ପାଇଁ ଧାଇଁ ଆସିଛନ୍ତି ଅନେକ ସ୍ୱେଚ୍ଛାସେବୀ। ଦେଶ ମାତୃକାର ସୁରକ୍ଷାରେ ନିୟୋଜିତ ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଜଣେ ଯବାନଙ୍କ ସ୍ତ୍ରୀଙ୍କୁ ଆବଶ୍ୟକ ରକ୍ତ ମିଳି ପାରିଲାନି। ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରସୂତିଙ୍କୁ ଶନିବାର 'ଓ' ପଜିଟିଭ୍ ବର୍ଗର ରକ୍ତ ଆବଶ୍ୟକ ହୋଇଥିଲା। ମାତ୍ର ଭିମସାର ରକ୍ତଭଣ୍ଡାରରେ ଉକ୍ତ ବର୍ଗର ରକ୍ତ ନ ଥିଲା। ଫଳରେ ରକ୍ତ ଯୋଗାଡ଼ ପାଇଁ ତାଙ୍କ ପରିବାରକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ ଏ ସମ୍ପର୍କରେ ଖବରପାଇ ସମ୍ବଲପୁରର କେତେଜଣ ସାମାଜିକ କର୍ମୀ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ଗୁଣମଣି ବିଶ୍ୱାଳଙ୍କ ଉଦ୍ୟମକ୍ରମେ ରବିବାର ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବୁଲୁ ନାୟକ, ଡାକ୍ତର ଓରାମ, କ୍ଷୀରୋଦ ନାୟକ ପ୍ରାଥମିକସ୍ତରରେ ତାଙ୍କ ପାଇଁ ଆବଶ୍ୟକ 'ଓ' ପଜିଟିଭ୍' ବର୍ଗର ୪ ୟୁନିଟ୍ ରକ୍ତ ଦାନ କରିଛନ୍ତି। ରବିବାର ପ୍ରସୂତିଙ୍କୁ ଗୋଟିଏ ୟୁନିଟ୍ ରକ୍ତ ଦିଆଯାଇ ଅବଶିଷ୍ଟ ରକ୍ତକୁ ପର୍ଯ୍ୟାୟକ୍ରମେ ପ୍ରଦାନ କରିବାକୁ ଭିମସାର ରକ୍ତଭଣ୍ଡାରରେ ରଖାଯାଇଛି। ଆବଶ୍ୟକ ହେଲେ ଆଗକୁ ଆହୁରି ରକ୍ତ ଯୋଗାଇ ଦେବାକୁ ସାମାଜିକ କର୍ମୀମାନେ ଯବାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାନୁଯାୟୀ, ଭାରତୀୟ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ରେ କାର୍ଯ୍ୟରତ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ଟେଙ୍ଗନାମାଲ ଗ୍ରାମର ଯବାନ ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଗତ ଏପ୍ରିଲ୍ ୨୮ ତାରିଖରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ଜରିଆରେ ଶିଶୁକନ୍ୟା ଜନ୍ମ ପରେ ସେ ସଂଜ୍ଞାହୀନ ହୋଇ ଗୁରୁତର ହୋଇପଡ଼ିଥିଲେ। ତେଣୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ଦେବରାଜ ତାଙ୍କ ସ୍ତ୍ରୀ ଓ ଶିଶୁକନ୍ୟାକୁ ଏପ୍ରିଲ ୨୯ ତାରିଖରେ ଭିମସାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥାରେ କୌଣସି ସୁଧାର ଆସିନାହିଁ। ଜରୁରିକାଳୀନ ପରିସ୍ଥିତିରେ କର୍ମକ୍ଷେତ୍ରରୁ ଡାକରା ପାଇବାରୁ ଦେବରାଜ ଶନିବାର ଅରୁଣାଚଳ ପ୍ରଦେଶ ସୀମାକୁ ପ୍ରସ୍ଥାନ କରିଛନ୍ତି। ଅପରପକ୍ଷରେ ଯବାନଙ୍କ ସ୍ତ୍ରୀଙ୍କ ଅବସ୍ଥା ପୂର୍ବଭଳି ଜଟିଳ ରହିଛି ଓ ସେ ବର୍ତ୍ତମାନ ଚେତାଶୂନ୍ୟ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭିମସାର ରକ୍ତଭଣ୍ଡାର ଇନଚାର୍ଜ ଡା. ଅନୁପା ଟପ୍ପୋ କହିଛନ୍ତି, ରକ୍ତ ପାଇଁ ଯବାନଙ୍କ ପରିବାର ପକ୍ଷରୁ କେହି ତାଙ୍କୁ ଯୋଗାଯୋଗ କରି ନ ଥିଲେ। ତେବେ ଭିମସାର ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଛି। 'ଓ' ପଜିଟିଭ ବର୍ଗର ରକ୍ତ ଆଦୌ ନ ଥିବାବେଳେ ଜରୁରିକାଳୀନ ଆବଶ୍ୟକତା ପାଇଁ ଅନ୍ୟବର୍ଗର ଅଳ୍ପ କିଛି ରକ୍ତ ରହିଛି। ତେବେ ରକ୍ତ ପାଇଁ କାହାର ଜୀବନ ନଯାଉ। ଏଭଳି ବ୍ରତ ରଖି ସମ୍ବଲପୁର, ବରଗଡ଼ ଜିଲ୍ଲାରେ ରକ୍ତ ଦାତାଙ୍କ ଅଭାବ ନାହିଁ। ଏଭଳି ଏକ ଜରୁରୀ ପରିସ୍ଥିତି ସମୟରେ ଯବାନ ଓ ଯବାନଙ୍କ ପରିବାର ପ୍ରତି ପ୍ରତିଟି ହୃଦୟ ସେବା ଓ ତ୍ୟାଗର ଉତ୍ସର୍ଗୀକୃତ ଚିନ୍ତାଧାରା ଉନ୍ମେଷ ହେବାର ଅସଲ ଦେଶ ଭକ୍ତି ବୋଲି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ଓ ଉଦ୍ୟମତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

## ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ



**କେନ୍ଦ୍ରାପଡ଼ା,(ଡିକେ ନ୍ୟୁଜ):** କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କୁ ସୋମବାର ଗଜ ଉଦ୍ଧାରଣ ବେଶ କରାଯାଇଛି। ଆଜି ବୈଶାଖ ପୂର୍ଣ୍ଣମୀରେ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ ଭକ୍ତମାନଙ୍କୁ ବେଶ ଆମୋଦିତ କରିଥିଲା। ଶ୍ରୀଜୀଉଙ୍କ ସନ୍ଧ୍ୟା ନୀତି ସମ୍ପନ୍ନ ପରେ ଏହି ବେଶ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ପାଖରେ ପକ୍ଷୀରାଜ ଗରୁଡ଼ ବିରାଜ ମାନ ଅଛନ୍ତି। ତାଙ୍କ କାନ୍ଧରେ ମହାଲକ୍ଷ୍ମୀ ଓ ନାରାୟଣ ବସିଛନ୍ତି। ନାରାୟଣଙ୍କ ହସ୍ତରେ ଶଙ୍ଖଚକ୍ର ଗଦାପଦ୍ମ ରହିଛି। ଏଭଳି ସଜ୍ଜିତ ବେଶରେ ହସ୍ତୀ କୁମ୍ଭୀରକୁ ସାମିଲ କରାଯାଇ ଗର୍ଭ ଗୃହ ଚଟାଣରେ କୃତ୍ରିମ ଜଳବନ୍ଦୀ ବଡ଼ ସାଇତି ସେବାୟତଙ୍କ ଦ୍ୱାରା କରାଯାଇଥିଲା। ଏହି ବେଶ ସଂପୂର୍ଣ୍ଣ ଗର୍ଭ ଗୃହରେ ସୀମିତ ଥିବାରୁ ଭକ୍ତମାନଙ୍କୁ ଗର୍ଭଗୃହ ମଧ୍ୟକୁ ପ୍ରବେଶ ଉପରେ କଟକଣା କରାଯାଇଥିଲା। ଫଳରେ ଭୋଗ ମଣ୍ଡପ ନିକଟରୁ ଭକ୍ତମାନେ ଶ୍ରୀଜୀଉଙ୍କ ଏହି ଦୁର୍ଲଭ ଗଜ ଉଦ୍ଧାରଣ ବେଶକୁ ଦର୍ଶନ କରିବାର ସୁଯୋଗ ପାଇଥିଲେ। ଏହାପରେ ଶ୍ରୀଜୀଉଙ୍କ ରାତ୍ର ଧୂପ ପଣା ପଖାଳ ଲାଗି ଶେଷହେବା ପରେ ବଡ଼ସିଂହାର ବେଶ କରାଯାଇଥିଲା। ଏହାପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିଲା।

## ନାବାଳିକାଙ୍କୁ ଉଦ୍ଧାର କଲା ପ୍ରଶାସନ

**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ କୋରୁଆ ପଞ୍ଚାୟତର ସୁଆଁକଣ ଗ୍ରାମରୁ ନାବାଳିକାଙ୍କୁ ପ୍ରଶାସନ ପକ୍ଷରୁ ସୋମବାର ଉଦ୍ଧାର କରାଯାଇଛି। ଉକ୍ତ ନାବାଳିକାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ଅଧିନ ପଟ୍ଟାମୁଣ୍ଡାଇ ଅଞ୍ଚଳର ବୋଲି ଜଣାଯାଇଛି। ଅନ୍ୟପଟରେ ନାବାଳିକାଙ୍କ ପରିବାର ପକ୍ଷରୁ ତାଙ୍କ ନାବାଳିକା ଝିଅକୁ କିଏ ଅପହରଣ କରି ନେଇଥିବା ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ନାଉଗାଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମାଇନ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏଚଇଡବ୍ଲୁ ବନଜା ପ୍ରିୟଦର୍ଶନୀ ସ୍ୱାଇଁ, ଗାରେଇ ଫାଣ୍ଡି ଅଧିକାରୀ ଏଏସଆଇ ଚନ୍ଦ୍ରମୋହନ ହାଁସଦା ବିଶେଷ ସୂତ୍ରରୁ ଖବର ପାଇ ମିଳିତ ଭାବେ ସୁଆଁକଣ ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ଘର ଉପରେ ଚଢାଉ କରିଥିଲେ। ଏହି ଚଢାଉ ସମୟରେ ଉକ୍ତ ନାବାଳିକା ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଥାନାକୁ ଅଣାଯାଇଛି। ନାବାଳିକାଙ୍କ ପରିବାରକୁ ଏସଂକ୍ରାନ୍ତରେ ଖବର ପ୍ରଦାନ କରାଯିବା ସହିତ ଜଗତସିଂହପୁରସ୍ଥିତ ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି)କୁ ହସ୍ତାନ୍ତର କରାଯିବ ବୋଲି ସିଡିପିଓ ଶ୍ରୀମତୀ ମାଇନ କହିଛନ୍ତି। ଏହି ଚଢାଉ ସମୟରେ ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ସାବିତ୍ରୀ ମୁଦୁଲି, କାର୍ଯ୍ୟାଳୟ ବରିଷ୍ଠ ସହାୟକ ବିଶ୍ୱମ୍ବର ମହାନ୍ତି ଓ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

## ଯୁବ ସମାଜସେବୀଙ୍କ ବିୟୋଗ



**ଖୋର୍ଦ୍ଧା,(ଡିକେ ନ୍ୟୁଜ):** ଖୋର୍ଦ୍ଧାର ଜଣେ ଜଣା ଶୁଣା ଯୁବ ସମାଜ ସେବି ତଥା ଖୋର୍ଦ୍ଧାର ଅଗ୍ରଣୀ କ୍ଲବ ଭବାନୀ ୟଙ୍ଗ କ୍ଲବର ସଭ୍ୟ ସଞ୍ଜୟ ସେଠି (୫୧) ଙ୍କ ବିୟୋଗ ଘଟିଛି। ସ୍ୱର୍ଗତ ସଞ୍ଜୟ କିଛିଦିନ ହେବ କିଡନି ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହୋଇ ପରେ ଘରେ ରହି ଚିକିତ୍ସିତ ହେଉଥିଲେ। ସୋମବାର ସକାଳ ୧୦ ଟାରେ ସେ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସଂଜୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ସମନ୍ତରାପୁରସ୍ଥିତ ବାସଭବନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ପୌରାଉପାଧ୍ୟକ୍ଷା ତଥା ବିଜେପି ନେତ୍ରୀ କୁନିଲତା ସ୍ୱାଇଁ, କାଉନସିଲର ଅଜିତ ମହାପାତ୍ର, ଭବାନୀ ୟଙ୍ଗ କ୍ଲବର ସମ୍ପାଦକ ଲାଲମୋହନ ସ୍ୱାଇଁ, ଉପସଭାପତି ତଥା ପୂର୍ବତନ କାଉନସିଲର ଶ୍ରନିବାସ ବିଶ୍ୱାଳ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସେଠି ସାମ୍ବାଦିକ ଲଳିତ ମୋହନ ମହାପାତ୍ର,ପ୍ରକାଶ କୁମାର ଦାସ, ଦୁତିକୃଷ୍ଣ ବେଜ, ବିରେନ୍ଦ୍ର ବେହେରାଙ୍କ ସମେତ କ୍ଲବର ବହୁ ସଭ୍ୟ ସଭ୍ୟା, ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ ପ୍ରମୁଖ ମର ଶରୀର ନିକଟରେ ରହି ଶେଷ ଦର୍ଶନ କରି ଆତ୍ମାର ସଦଗତି କାମନା କରିବା ସହିତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ସଂଜୟଙ୍କ ବଡଭାଇ ସୁକାନ୍ତ, ପତ୍ନୀ ସୁଜାତା, ବଡ ଭାଉଜ ଏବଂ ପୁଅ ବୁବୁନ ମର ଶରୀର ନିକଟରେ ଉପସ୍ଥିତ ଥିଲେ। ସ୍ଥାନୀୟ ବରୁଣେଇସ୍ଥିତ ହାଡ ଗଡ଼ିଆ ମଶାଣିରେ ସଂଜୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ବୁବୁନ ମୁଖାଗ୍ନି ଦେଇଥିଲେ। ସେ ଜଣେ ଅତ୍ୟନ୍ତ ମେଳାପି, ମିଷ୍ଟଭାସି,ପରୋପକାରୀ, ଏବଂ ଜଣା ଶୁଣା ସମାଜସେବୀ ଭାବେ ପରିଚିତ ଥିଲେ।

## ଜଙ୍ଗଲରେ ଗଚ୍ଛିତ ୨୫୦କେଜି ଗଞ୍ଜେଇ ଜବତ



**ମାଲକାନଗିରି,(ଡିକେ ନ୍ୟୁଜ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଓର୍କେଲ ଥାନା ପକ୍ଷରୁ ଚଢ଼ାଉ କରି ଜଙ୍ଗଲରେ ଚୋରାରେ ଗଚ୍ଛିତ ଥିବା ୨୫୦କେଜି ଗଞ୍ଜେଇ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ବିଶେଷ ସୂତ୍ରରୁ ଖବର ଆସିଥିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମିଟାପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବାଣ୍ଡିଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ନିମନ୍ତେ ମାଫିଆ ମାନେ ଗଚ୍ଛିତ କରିଛନ୍ତି। ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଏକ ଟିମ ଗଠନ କରାଯାଇ ଗତକାଲି ବାଣ୍ଡିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ଜଙ୍ଗଲର ମଧ୍ୟରେ ଏକ ସ୍ଥାନରେ ବସ୍ତା ଗୁଡିକ ଗଦା ହୋଇଥିବା ଦେଖି ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ସେଠାରୁ ୧୦ଟି ଗଞ୍ଜେଇ ଥିବା ବସ୍ତା ଗୁଡିକ ଜବତ କରି ଥାନାକୁ ଆଣି ଓଜନ କରିବାରୁ ମୋଟ ୨୫୦କେଜି ବୋଲି ଜଣା ପଡିଥିଲା। ପୋଲିସ ପକ୍ଷରୁ ଏକ ମାମଲା ୧୪୧/୨୫ ପ୍ରକାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି ଜବତ ଗଞ୍ଜେଇ ଆନୁମାନିକ ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

# ନିମ୍ନମାନର ରାସ୍ତା କାମ ପାଇଁ ରାସ୍ତା ଫାଟି ଆଁ ହୋଇଛି



**ସାନଖେମୁଣ୍ଡି ,(ଡିକେ ନ୍ୟୁଜ):** ସରକାର ଗମନାଗମନର ସୁବିଧା ପାଇଁ କୋଟିକୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରୁଛନ୍ତି ରାସ୍ତା । ମାତ୍ର ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ନିର୍ମାଣ ନ ସରୁଣୁ ରାସ୍ତା ଫାଟି ଆଁ ହୋଇଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକରେ। ନିମ୍ନମାନର ରାସ୍ତା କାମକୁ ନେଇ ତାତିଲେ ଗ୍ରାମବାସୀ। ଅଧାରୁ ବନ୍ଦ କଲେ ରାସ୍ତା କାମ। ଏଭଳି ଘଟଣା ସାମ୍ନାକୁ ଆସିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସାହାସପୁର ପଞ୍ଚାୟତରୁ। ସାନଖେମୁଣ୍ଡିରେ ଗ୍ରାମୀଣ ବିକାଶ କାର୍ଯ୍ୟାଳୟ ଅଧିନସ୍ଥ ସାହାସପୁର ଗ୍ରାମରେ ରାସ୍ତା ନିର୍ମାଣ ଚାଲିଛି। ହେଲେ ନିର୍ମାଣଧୀନ ରାସ୍ତାରେ ବ୍ୟବହୃତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପତଳା ବାଲି, ନିମ୍ନମାନର ଚିପ୍ସ ସହିତ ନିମ୍ନ ମାନର ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗ। ଏପରି କି ନିର୍ମାଣ ପରେ ଢ଼ଳାଇରେ ପାଣି ଦିଆ ଯାଉନାହିଁ। ଫଳରେ ରାସ୍ତା ଫାଟିବା ସହିତ ଗୋଡ଼ି ଉଠିଯିବାରୁ ରାସ୍ତା କାମ ବନ୍ଦ ରଖିଛନ୍ତି ଗ୍ରାମବାସୀ। ସରକାରୀ ନିୟମ ମୁତାବକ ରାସ୍ତା କାମ ସମୟରେ ଦାୟିତ୍ୱରେ ଥିବା ଅଧିକାରୀମାନେ କାର୍ଯ୍ୟ ତଦାରଖ କରିବା କଥା। କିନ୍ତୁ କାର୍ଯ୍ୟ ହେଉଥିବା ବେଳେ ଏଠି କୌଣସି ଅଧିକାରୀ ତଦାରଖ କରିବାକୁ ଆସୁନାହାନ୍ତି। ଏଥି ସହିତ କେତେ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହେଉଛି ଏବଂ କି କି ପ୍ରକାର କାର୍ଯ୍ୟ କରାଯିବ ବୋଲି ସୂଚନା ଫଳକରେ ଉଲ୍ଲେଖ କରାଯିବା କଥା । ହେଲେ ତାହା ସୂଚନା ଫଳକରେ ଲେଖାଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଠି ପ୍ରଶ୍ନ ଉଠୁଛି- ନିମ୍ନମାନର ରାସ୍ତା ନିର୍ମାଣ ହେଉଥିଲେ ବି କାହିଁକି ଚୁପ ବସିଛନ୍ତି ବିଭାଗୀୟ ଅଧିକାରୀ ? ସଂପୃକ୍ତ ଠିକାଦାରଙ୍କ ବିରୋଧରେ କଣ ପାଇଁ ନେଉନାହାଁନ୍ତି କାର୍ଯ୍ୟାନୁଷ୍ଠାନ? ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗରେ ସେ କହିଥିଲେ ପ୍ରଚଣ୍ଡ ଗ୍ରୀଷ୍ମର ପ୍ରଭାବ ଓ ପାଣିର ଅଭାବ ପାଇଁ ଏହି ଅସୁବିଧା ଘଟିଆଛି, ଯେଉଁଥିପାଇଁ ଠିକାଦାରଙ୍କୁ କାମ ସ୍ଥଗିତ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ହୋଇଥିବା କାମର ମାନ ଯାଞ୍ଚ ପରେ ବାକି କାମ କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ କାହିଁକି ଅଣଦେଖା କରୁଛନ୍ତି ବିଭାଗୀୟ ଅଧିକାରୀ? ନା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଚାଲିଛି ହରିଲୁଟ୍। ତାହା ତଦନ୍ତ ସାପେକ୍ଷ। ଏହାର ତୁରନ୍ତ ତଦନ୍ତ ନହେଲେ ଆଗାମୀ ଦିନରେ ଗ୍ରାମୀଣ ବିକାଶ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଯୁଦ୍ଧ ବିରତି ଉଲ୍ଲଙ୍ଘନ ପରେ ହାଇ ଆଲର୍ଟ

## କେନ୍ଦ୍ରାପଡା ସମୁଦ୍ର ଉପକୂଳରେ ପାଟ୍ରୋଲିଂ




**କେନ୍ଦ୍ରାପଡ଼ା,(ଡିକେ ନ୍ୟୁଜ):** ଯୁଦ୍ଧ ବିରତି ପାଇଁ ଦୁଇଦେଶ ରାଜି ହେବା ପରେ ଏହାକୁ ଉଲ୍ଲଙ୍ଘନ କରି ପାକିସ୍ତାନ ଭାରତ ସୀମାକୁ ଗୁଳି ବର୍ଷା କରିଥିଲା। ପାକିସ୍ତାନର ଏହି ଯୁଦ୍ଧ ବିରତି ଉଲ୍ଲଙ୍ଘନକୁ ନେଇ କେନ୍ଦ୍ରାପଡା ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଓ ମହାକାଳପଡା ବ୍ଲକକୁ ଛୁଉଁଥିବା ସମୁଦ୍ର ଉପକୂଳରେ କୌଣସି ଅନୁପ୍ରବେଶ ଆଶଙ୍କା କରି ଜିଲ୍ଲା ପୋଲିସ ମୁଖ୍ୟାଳୟର ନିର୍ଦ୍ଦେଶରେ ଉଭୟ ବ୍ଲକର ସାମୁଦ୍ରିକ ଥାନା(ତାଳଚୂଆ, ତନ୍ତିଆପାଳ, ଜମ୍ବୁ) ପକ୍ଷରୁ ସମୁଦ୍ର ଉପକୂଳରେ ସ୍ପିଡ ବୋଟ ମାଧ୍ୟମରେ ପାଟ୍ରୋଲିଂ କରାଯାଇଛି। ପାଟ୍ରୋଲିଂ ସମୟରେ ବୋଟରେ ସଶସ୍ତ୍ର ପୋଲିସ କର୍ମଚାରୀମାନେ ମୃତୟନ ହୋଇଥିଲେ। କୌଣସି ଅପ୍ରିତିକର ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ସଶସ୍ତ୍ର ପୋଲିସ ବଳ ପ୍ରସ୍ତୁତ ଥିଲେ। ସମୁଦ୍ରର ୩କିଲୋମିଟର ପର୍ଯ୍ୟନ୍ତ ପ୍ରତି ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା। ତାଳଚୂଆ, ଜମ୍ବୁ ଓ ତନ୍ତିଆପାଳ ଥାନା ଅଞ୍ଚଳ ଦେଇ ଯାଇଥିବା ବଙ୍ଗୋପସାଗର ମଧ୍ୟ ଦେଇ ଆତଙ୍କବାଦୀମାନେ ଆମ ଜଳ ସୀମାରେ ଆକ୍ରମଣ କରିବାର ଯଥେଷ୍ଟ ସୁଯୋଗ ରହିଛି। ସେହିପରି ଏହି ଅଞ୍ଚଳ ଗୁଡିକରେ ବହୁ ସଂଖ୍ୟାରେ ବାଙ୍ଗଲାଦେଶୀ ଓ ପାକିସ୍ତାନ ସମର୍ଥକମାନେ ବାସ କରୁଥିବା ଗୋଇନ୍ଦା ରିପୋର୍ଟ ମିଳିଛି। ଏମାନେ ଆତଙ୍କବାଦୀଙ୍କୁ ସହଯୋଗ କରିବାର ଆଶଙ୍କା ମଧ୍ୟ ରହିଛି। ସେହି କାରଣରୁ ସାମୁଦ୍ରିକ ଥାନା ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ କରାଯାଇଛି। ତାଳଚୂଆ ସାମୁଦ୍ରିକ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ କହିଛନ୍ତି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସ୍ପିଡବୋଟ ସାହାଯ୍ୟରେ ସମୁଦ୍ରର ୩ କିଲୋମିଟର ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଥିଲା। ଏହି ସମୟରେ ଶତ୍ରୁପକ୍ଷକୁ ସତର୍କ କରାଇବା ପାଇଁ ସାଇରନ ବାଜିଥିଲା। କିନ୍ତୁ ସେଭଳି କୌଣସି ଅଘଟଣ ଘଟିନାହିଁ। ପରିସ୍ଥିତ ଉତ୍ତେଜନାପୂର୍ଣ୍ଣ ରହିଥିବାରୁ କିଛିଦିନ ପାଇଁ ଏଭଳି ପାଟ୍ରୋଲିଂ ଚାଲିବ।

## ରାୟଗଡା ବନଖଣ୍ଡର ଓଡିଶା ଅଣ-ଗେଜେଟେଡ଼ ବନସେବା ସଂଘର ସାଧାରଣ ଅଧିବେଶନ ଓ ପ୍ରତିନିଧି ଚୟନ




**ରାୟଗଡା,(ଡିକେ ନ୍ୟୁଜ):** ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଏବଂ କୋରାପୁଟ, ଜୟପୁର, ମାଲକାନଗିରି ଏବଂ ନବରଙ୍ଗପୁର ପ୍ରତିନିଧିଙ୍କ ଅଧକ୍ଷତାରେ ରାୟଗଡା ବନଖଣ୍ଡର ଓଡିଶା ଅଣ -ଗେଜେଟେଡ଼ ବନସେବା ସଂଘର ୧୪ତମ ଦ୍ୱି-ବାର୍ଷିକ ସାଧାରଣ ଅଧିବେଶନ ଓ ପ୍ରତିନିଧି ଚୟନ ପ୍ରକ୍ରିୟା ରାୟଗଡାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନୂତନ ପ୍ରତିନିଧି ଚୟନ ପ୍ରକ୍ରିୟାରେ ପ୍ରଦୀପ କୁମାର ସାହୁ ସଭାପତି, ସୂର୍ଯ୍ୟପ୍ରକାଶ ପଟ୍ଟନାୟକ ଉପ-ସଭାପତି, ଲାବଣ୍ୟ ମାଝୀ ସମ୍ପାଦକ, ପ୍ରଦ୍ୟୁମ୍ନ କୁମାର ବେହେରା, କୋଷାଧକ୍ଷ, ବାଡ଼ିଚେଟି ଭାସ୍କର ଯୁଗ୍ମ ସମ୍ପାଦକ ଏବଂ ରଞ୍ଜିତା ବିଡ଼ିକା ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇ ସଂଘର ଅଖଣ୍ଡତା ଏବଂ ଗୋପନୀୟତାର ଶପଥପାଠ ଗ୍ରହଣ କରିଛନ୍ତି।

## ସରକାରୀ ସଂରକ୍ଷିତ ଜମିକୁ ଉଚ୍ଛେଦ ପାଇଁ ଅଭିଯୋଗ

**ବୋଲଗଡ,(ଡିକେ ନ୍ୟୁଜ):** ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କାଚେରା ରାଜସ୍ୱ ମୌଜାର ଖେଳପଡିଆ ପାଇଁ ଉଦ୍ଦିଷ୍ଟ ସଂରକ୍ଷିତ ଥିବା ଜମିର ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କୁ ଜନ ସାଧାରଣ ଭେଟି ଲିଖିତ ଅଭିଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାଇ ବେଗୁନିଆ ତହସିଲ କୁରାଢିଲୋ ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ କାଚେରା ରାଜସ୍ୱ ଗ୍ରାମର ଖେଳ ପଡିଆ ପାଇଁ ସରକାରୀ ସଂରକ୍ଷିତ ଜମିକୁ ଜବର ଦଖଲ ଉଚ୍ଛେଦ ନିମନ୍ତେ ଖାତା ନମ୍ବର ୨୫୭, ପ୍ଲଟ ନମ୍ବର ୯୩, ୯୪, ୯୬, ୯୭, ୯୮, ୯୯, ୧୦୦, ୧୦୧,୧୦୨, ୧୦୩, ୧୦୪, ୧୦୫ ଓ ୧୦୬ରେ ମନରେଗାରେ ବ୍ଲକ ପ୍ରଶାସନ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟ ଚାଲୁଥିଲା। ତେବେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ସରକାରୀ ଜମିକୁ ଜବର ଦଖଲ କରିବା ଫଳରେ ଉନ୍ନୟନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହି ସଂରକ୍ଷିତ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ନବ କିଶୋର ସାହୁ, ଶିବାଜୀ ରାଉତରାୟ, ଗଗନ ବିହାରୀ ମହାନ୍ତି, ସନାତନ ସାହୁ, ସୁରେଶ ବେହେରା ଓ ବଳଭଦ୍ର ସାହୁଙ୍କ ସମେତ ବହୁ ବ୍ୟକ୍ତି ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ବିଦ୍ୟାବାରିଧି ସମ୍ମାନରେ ସମ୍ମାନିତ ହେଲେ ସାମ୍ବାଦିକ ଚିନ୍ତାମଣି ପାଢ଼ୀ



**ଯାଜପୁର,(ଡିକେ ନ୍ୟୁଜ):** ସମାଜର ଚଳଣି ଓ ଜୀବନ ଧାରଣର ମାନ ଉପରେ ଗଭୀର ପ୍ରଭାବ ରଖୁଥିବା ବାସ୍ତୁଶାସ୍ତ୍ର ଉପରେ ସ୍ୱତନ୍ତ୍ର ଅଧ୍ୟୟନ ପି.ଏଚ. ଡି. ରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ପରେ ବରିଷ୍ଠ ସାମ୍ବାଦିକ ଚିନ୍ତାମଣି ପାଢୀଙ୍କୁ ବିଦ୍ୟାବାରିଧି ଭୂଷଣରେ ସମ୍ବର୍ଦ୍ଧିତ କରାଯାଇଛି। ଡକ୍ଟର ପାଢ଼ୀ ଇଣ୍ଡିଆନ ବାସ୍ତୁ ଏକାଡେମୀରେ ଦୁଇ ବର୍ଷ ଅଧ୍ୟୟନ ଓ ଗବେଷଣା ପରେ ତାଙ୍କ ଉଚ୍ଚକୋଟିର ସନ୍ଦର୍ଭ (ଦି ଇମ୍ପାକ୍ଟ ଅଫ ବାସ୍ତୁ ଇନ ଇଣ୍ଡିଆନ କଲଚର)ଟି କୋଲକତା ସ୍ଥିତ ୟୁନିଭର୍ସିଟି ଅଫ ଓରିଏଣ୍ଟାଲ ଷ୍ଟଡ଼ିଜ ଆଣ୍ଡ ରିସର୍ଚ୍ଚ ପ୍ରଫେସରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଚଳିତ ବର୍ଷ ଉକ୍ତ ବିଶ୍ୱ ବିଦ୍ୟାଳୟ ତରଫରୁ ଏକମାତ୍ର ସଫଳ ପିଏଚଡି ସ୍କୋଲାର ଭାବେ ଇଣ୍ଡିଆନ ବାସ୍ତୁ ଏକାଡେମୀର ୧୮ ତମ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ବାସ୍ତୁବିତ ବିଦ୍ୟାବାରିଧି ଡକ୍ଟର ଚିନ୍ତାମଣି ପାଢ଼ୀ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ଭୁବନେଶ୍ୱର ହୋଟେଲ ଏମ୍ପାଆର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁନିଭର୍ସିଟି ଅଫ ଓରିଏଣ୍ଟାଲ ଷ୍ଟଡ଼ିଜ ଆଣ୍ଡ ରିସର୍ଚ୍ଚ ଡିନ ପ୍ରଫେସର ଡକ୍ଟର ଶ୍ୟାମଳ ଭଟ୍ଟାଚାର୍ଯ୍ୟ, ରେଜିଷ୍ଟ୍ରାର ପ୍ରଫେସର ଡକ୍ଟର ଗୋପୀ ଶାସ୍ତ୍ରୀ, ଭାଇସ ଚାନସେଲର ପ୍ରଫେସର ଡକ୍ଟର ରାମକ୍ରିଷ୍ଣ ଶାସ୍ତ୍ରୀ, ଇଣ୍ଡିଆନ ବାସ୍ତୁ ଏକାଡେମୀ ମ୍ୟାନେଜିଙ୍ଗ ଡାଇରେକ୍ଟର ଡକ୍ଟର ତପସ୍ୱିନୀ ମିଶ୍ର, ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ସମେତ ଅନୁଷ୍ଠାର କର୍ମକର୍ତ୍ତାଙ୍କ ଉପସ୍ଥିତରେ ଡକ୍ଟର ପାଢୀଙ୍କୁ ପିଏଚଡି ମାନପତ୍ର, ଫଳକ ଉପାଧି ପ୍ରଦାନ କରାଯାଇଛି। ଏହି ଖବର ଜଣାପଡିବା ପରେ ବିଭିନ୍ନ ମହଲରୁ ଡକ୍ଟର ପାଢୀଙ୍କୁ ଶୁଭେଚ୍ଛା ଓ ବଧାଇର ସୁଅ ଛୁଟି ଆସିଥିବା ଦେଖିବାକୁ ମିଳିଛି।

## ସମସ୍ୟାର ଘେର ଭିତରେ ୧୫୦ବର୍ଷର ଗାଁ ଶ୍ରୀରାମପାଲି



**ସମ୍ବଲପୁର,(ଡିକେ ନ୍ୟୁଜ):** ପ୍ରାୟ ୧୫୦ ବର୍ଷ ପୂର୍ବରୁ ପ୍ରତିଷ୍ଠିତ ସମ୍ବଲପୁର ଜିଲ୍ଲା ମହାନଗର ନିଗମ (ସିନ୍ଦୁରପଙ୍କ) ନିକଟସ୍ଥ ଶ୍ରୀରାମପାଲି ଗ୍ରାମବାସୀ ମାନଙ୍କର ଦୁଃଖ ଦୁର୍ଦ୍ଦଶା କହିଲେ ନ ସରେ। ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ବିତି ଯାଇଥିଲେ ମଧ୍ୟ ସର୍ବନିମ୍ନ ସୁବିଧାରୁ ଏ ପର୍ଯ୍ୟନ୍ତ ବଞ୍ଚିତ ରହିଛନ୍ତି ଶ୍ରୀରାମପାଲି ଗ୍ରାମବାସୀ। କାନ୍ଦି କାନ୍ଦି ଏଭଳି ନିଜ ନିଜର ଦୁଃଖ ଦୁର୍ଦ୍ଦଶା ବଖାଣିଛନ୍ତି ଗ୍ରାମବାସୀ ମାନେ। ବିଶ୍ୱ ମାତୃ ଦିବସ ପାଳନ ଶୁଭ ଅବସରରେ ଗତ ରବିବାର ଅପରାହ୍ଣରେ ଶ୍ରୀରାମପାଲି ଗ୍ରାମବାସୀ ମାନଙ୍କ ପକ୍ଷରୁ ଶ୍ରୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ବୁଦ୍ଧିଜୀବୀ ପରିଷଦର ସଭାପତି ସମାଜସେୀ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବରେ ଏବଂ ବରିଷ୍ଠ ଋଷୀନେତା ରାମସାଗର ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ଜମିପଟ୍ଟା ଅଭାବରୁ ଆବାସ ଯୋଜନା ଆଦି ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ଅନେକ ଗ୍ରାମବାସୀ ଭଙ୍ଗା ମାଟି କୁଡ଼ିଆରେ ବହୁ ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି। ଘର ମାନଙ୍କରେ ଶୌଚାଳୟ ନ ଥିବାରୁ ଶୌଚ ପାଇଁ ଅନେକଦୂର ପଡ଼ିଆକୁ ଯିବାକୁ ପଡୁଛି। ପାନୀୟ ଜଳ ସମସ୍ୟା ଏବଂ ବିଜୁଳି ସମସ୍ୟା ଦୂରୀକରଣ ସହ ଗ୍ରାମରେ ଏକ ଆଙ୍ଗନବାଡ଼ି କେନ୍ଦ୍ର ଏବଂ ସୁଲଭ ଶୌଚାଳୟ ପ୍ରତିଷ୍ଠା ନିହାତି ଜରୁରୀ ବୋଲି ଗ୍ରାମବାସୀ ମାନେ ଦୃଢ଼ଦାବୀ କରିଥିଲେ । ଭଗ୍ନ ଅବସ୍ଥାରେ ଥିବା ଶ୍ରୀ ହନୁମାନ ମନ୍ଦିରର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଗ୍ରାମର ମହିଳାମାନଙ୍କୁ ନେଇ ଏକ ମହିଳା ସମିତି ଗଠନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମ୍ପ୍ରତି ଆତଙ୍କ ଆତଙ୍କବାଦ ଓ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ସଂଘଟିତ ଯୁଦ୍ଧରେ ଭାରତୀୟ ସୈନ୍ୟ ବାହିନୀ ବୀର ଜବାନମାନଙ୍କ ପରାକ୍ରମ ଏବଂ ଭାରତ ସରକାରଙ୍କ ନେତୃତ୍ୱକୁ ସଭାରେ ଭୂୟସୀ ପ୍ରଶଂସା କରାଯାଇଥିଲା। ସାବିତ୍ରୀ ଭୋଇ, ନିଳେନ୍ଦ୍ରୀ ବେହେରା, କିରନୀ କିଶାନ, ଭୂମିସୁତା ରାଉତ, ମନ ବଢେ, ଗୁଲାପୀ ମିର୍ଦ୍ଧା, ବାସନ୍ତି ରାଉତ, ସନ୍ତୋଷିନୀ ବେହେରା ପ୍ରମୁଖ ଶତାଧିକ ଗରିବ ଶ୍ରେଣୀର ଆବାଳ ବୃଦ୍ଧ ବନିତା ପୁରୁଷ ମହିଳା ଏହି ସଭାରେ ଯୋଗଦାନ କରି ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ନିରାକରଣ ପାଇଁ ନିବେଦନ କରିଥିଲେ। ଆଗାମୀ ଦିନରେ ଗ୍ରାମବାସୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନଙ୍କ ସହିତ ସାକ୍ଷାତ ଆଲୋଚନା କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭା ଶେଷରେ ଅଶ୍ୱିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋରଡା ତାଲୁକାରେ ୧୬ଖଣ୍ଡ ବାରିକ ସମାଜର ସମ୍ମିଳନୀ ସମ୍ମିଳନୀ

**ସୋରଡ଼ା,(ଡିକେ ନ୍ୟୁଜ):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୋରଡ଼ା ବ୍ଲକରେ ନିଖିଳ ଉତ୍କଳ ବାରିକ ସମାଜ ସୋରଡ଼ା ତରଫରୁ ବନ୍ଧୁ ମିଳନ ସମ୍ମିଳନୀ ସୋରଡ଼ା ବୃଦ୍ଧ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସ୍କା ସାଂସଦ ପ୍ରତିନିଧି ବସନ୍ତ କୁମାର ବିଷୋୟୀ ଯୋଗଦେଇଥିବା ବେଳେ ଘୁମୁସର ତାଲୁକା ସଭାପତି, ଉପସଭାପତି ସମ୍ପାଦକ କୋଷାଧ୍ୟକ୍ଷ ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଷୋହଳ ଖଣ୍ଡ ଗ୍ରାମର ପରିବାର ପ୍ରାୟ ଏକ ହଜାର ସଭ୍ୟ ଯୋଗ ଦେଇଥିଲେ। ବାରିକ ସମାଜର ଉନ୍ନତିକରଣକୁ ନେଇ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଉକ୍ତ ସମାଜର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇ ସଭା କାର୍ଯ୍ୟ ସମାପନ କରାଯାଇଥିଲା। କାର୍ଯ୍ୟକ୍ରମ ସମ୍ପାଦନରେ ସଭାପତି, ସମ୍ପାଦକ କୋଷାଧ୍ୟକ୍ଷ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।

## ସୁଭଦ୍ରା ପାଡ଼ିନୀଙ୍କୁ ତୁରନ୍ତ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ପାଇଁ ଧାରଣା



ତାଳଚେର, (ଡିକେ ନ୍ୟୁଜ୍): ବହୁ ଚର୍ଚ୍ଚିତ ତଥା ତାଳଚେର ଲୋଧାଝରି ଗ୍ରାମର ଝିଅ ଭଉଣୀ ସୁଭଦ୍ରାଙ୍କୁ ଲୋମହର୍ଷଣ ଭାବେ ଦୁଷ୍କର୍ମ ପରେ ବିଭତ୍ସ ହତ୍ୟାକାଣ୍ଡ ଓ ଜାଳିପୋଡ଼ି ଦେବା ଭଳି ଘଟଣା ଘଟାଇ ଅଭିଯୁକ୍ତମାନେ ଏ ଯାବତ ଧରା ନ ପଡ଼ିବା ସାରା ରାଜ୍ୟବାସୀଙ୍କୁ ଚକିତ କରିଛି। ତେବେ ଇତିମଧ୍ୟରେ ୧୫ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଦୋଷୀମାନେ ଧରା ନ ପଡ଼ିବା ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ପରିପେକ୍ଷୀରେ ସୋମବାର ପରମ ଜ୍ୟୋତି ଟ୍ରଷ୍ଟ ତଥା ଓମେନେ ୱେଲଫେୟର ଆସୋସିଏସନ୍ ପକ୍ଷରୁ ସଭାନେତ୍ରୀ ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ ରିତା ରାଣୀ ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ସୋମବାର ସ୍ଥାନୀୟ ତାଳଚେର ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ସହିତ ସୁଭଦ୍ରା ଭଉଣୀ ପ୍ରତି ଏହି ନାରକୀୟ କାଣ୍ଡ ଭିଆଇଥିବା ସମସ୍ତ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ନିମନ୍ତେ ଦାବି କରି ଧାରଣା ଦିଆଯାଇଥିଲା। ଏହି ଧାରଣାରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିବା ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡ଼ି ଏସସି ସେଲର ଆବାହକ ମହେଶ ସାହୁ ତାଙ୍କ ସମର୍ଥକଙ୍କ ସହିତ ଧାରଣାରେ ସାମିଲ ହୋଇ ସୁଭଦ୍ରା ପାଡ଼ିନି ଭଉଣୀ ସହିତ ଦେଉଳବେଡ଼ାର ଦଳିତ ଯୁବକ ବିଶ୍ୱଜିତ ନାଏକଙ୍କ ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଦାବି କରିଥିଲେ। ମହେଶ ସାହୁ କହିଥିଲେ ଯେ, ତାଳଚେର ବିଭିନ୍ନ କାରଣ ପାଇଁ ସାରା ଦେଶରେ ଗର୍ବିତ ହୋଉଥିବା ବେଳେ ସୋମବାର ଏହି ସଙ୍ଗୀନ ଓ ବିଭତ୍ସ ହତ୍ୟାକାଣ୍ଡ ପାଇଁ ସମ ପରିମାଣରେ ତାଳଚେରକୁ ନିନ୍ଦିତ କରିଛି। ଏଥିପାଇଁ ଯେଉଁମାନେ ଦାୟୀ ତାଙ୍କ ପ୍ରତି ମଧ କୋଠର ଦଣ୍ଡ ବିଧାନ ହେବା ଦରକାର ବୋଲି କହିବା ସହ ତାଳଚେରରେ ଦେଖା ଦେଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିହୀତ ପଦକ୍ଷେପ ନେବା ଜରୁରୀ ବୋଲି ଧାରଣା ଦେବା ଅବସରରେ ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏଥିସହିତ ଏକ ଦାବିପତ୍ର ଅନୁଗୋଳ ଏସପିଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଖଣ୍ଡ ଆରୋକ୍ଷୀ ଅଧିକ୍ଷକ (ଏସଡିପିଓ)ଙ୍କୁ ପ୍ରଦାନ କରାଯାଉଥିଲା। ଏହି ଧାରଣାରେ ଶତାଧିକ ମହିଳା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ଥିଲେ। ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗକୁ ବଡ଼ ଧାରଣର ଆନ୍ଦୋଳନ କରାଯିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ନର୍ସିଂ କଲେଜରେ ଆନ୍ତର୍ଯ୍ୟାତିକ ସେବିକା ଦିବସ ସହ ବାର୍ଷିକୋତ୍ସବ ପାଳିତ




ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଆଦିବାସୀ ଭବନ ପରିସରରେ ବାଳମତୀ ଦେହୁରୀ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଯ୍ୟାତିକ ସେବିକା ଦିବସ ସହ ଅନୁଷ୍ଠାନର ବାର୍ଷିକୋତ୍ସବ ମଧ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସମାଜସେବୀ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଡ଼ାକ୍ତର ଶରତ ଚନ୍ଦ୍ର ଗୌନ୍ତିଆ ଉଦଘାଟନ, କୁଚିଣ୍ଡା ଉପଖଣ୍ଡର ଏସଡିଏମଓ ଡ଼ାକ୍ତର ସୁବୋଧ କୁମାର ନାୟକ ମୁଖ୍ୟଅତିଥି ଓ ଡ଼ାକ୍ତର ସତ୍ୟବ୍ରତ ଦୋରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଦିବସର ମାହାତ୍ମ୍ୟ ସମ୍ପର୍କରେ ଉଦବୋଧନ ଦେବା ସହ ସେବିକା ବୃତ୍ତି ଏକ ମହାନ୍ ବୃତ୍ତି ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହ ଦିବସର ମାହାତ୍ମ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଅଧକ୍ଷା ସିଲିକି ମହାକୁଲ ସ୍ୱାଗତ ଭାଷଣ ଓ ଅଧାପିକା ସାଲିନା ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଚିଣ୍ଡାର ଜଣେ ଅଗ୍ରଣୀ ସେବିକା ନିନା ପଟେଲ ଏହି ଅବସରରେ ସମସ୍ତ ଜିଏନଏମ ଛାତ୍ରୀମାନଙ୍କୁ ଟୋପି ପ୍ରଦାନ କରିବା ସହ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ଡ.ନାୟକ ବିଗତ ବର୍ଷର ଟପ୍ପର ହୋଇଥିବା ଛାତ୍ରୀ ସୁମିତା ଟପୋଙ୍କୁ ଅଙ୍ଗ ବସ୍ତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା, ମଦର ଟେରେସାଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା, ନାଚ, ଗୀତ ଓ ମେହେନ୍ଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ମେଡେଲ ଦେଇ ଅତିଥି ଗଣ ପୁରସ୍କୃତ କରିଥିଲେ। ଛାତ୍ରୀ ସୋକିନି ମହାନନ୍ଦିଆ ଓ ନିଳୀମା ମିର୍ଦ୍ଧାଙ୍କ ପରିଚାଳନାରେ ଛାତ୍ରୀମାନେ ଅତିଥି ଗଣଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତା, ଅଧକ୍ଷା ଓ ଅଧାପିକା, ଅଧାପକ ତଥା ଅଣଶିକ୍ଷକ କର୍ମଚାରୀଗଣଙ୍କୁ ଅଙ୍ଗବସ୍ତ୍ର ଓ ଫୁଲ ତୋଡା ଦେଇ ସମ୍ମାନିତ କରି ଥିବା ବେଳେ ତାଙ୍କରି ସଂଯୋଜନାରେ ହିଁ ଆକର୍ଷଣୀୟ ନାଟକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅଧାପିକା ତନୁଶ୍ରୀ ସେଠ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୧୯୯୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ



ନିଆଳି, (ଡିକେ ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବ୍ଲକ କୁଣ୍ଡିମୁହଁ ସ୍ଥିତ ସିଦ୍ଧ ମଠ ପରିସରରେ ଗୋପୀନାଥଜିଉ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୦ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ପଚାଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଭୋଜି ଭାତର ଆଶାର ସାଙ୍ଗକୁ ଏକ ପ୍ରକାର ଖୁସିର ମହୋଲ ଏବଂ ଅନ୍ୟ ଅତିଥିମାନଙ୍କ ଚର୍ଚ୍ଚା ଦେଖିବାକୁ ମିଳିଥିଲା। ନିମନ୍ତ୍ରିତ ଶିକ୍ଷକମାନେ ନିଜ ନିଜର ଅଭିଭାଷଣରେ ସେ ସମୟର ପିଲାଙ୍କର ପାଠ ପଢିବା ଖେଳକୁଦ ଉପରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବାଇଧର ସ୍ୱାଇଁ (ପୂର୍ବତନ ପ୍ରଧାନ ଶିକ୍ଷକ), ଗୋବିନ୍ଦ ଚନ୍ଦ୍ର ପାଲୁର, ଭାବଗ୍ରାହୀ ସ୍ୱାଇଁ, ଧନଞ୍ଜୟ ସ୍ୱାଇଁ, ଭୀମସେନ ରାଉତରାୟ, ବିଜୟ କୁମାର ସେନାପତିଙ୍କୁ ମଞ୍ଚ ଉପରେ ଦେଖିବାକୁ ମିଳିଥିଲା। ସୁବାସ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ପତିତପାବନ ସ୍ୱାଇଁ, ଲଲାଟେନ୍ଦୁ ସ୍ୱାଇଁ, ବିଭୁତି ଭୂଷଣ ସ୍ୱାଇଁ, ସୁଧୀର ରଞ୍ଜନ ସ୍ୱାଇଁ, ଅନୁପମା ମହାନ୍ତି, ନଳିନୀ ପ୍ରଭା ଜେନା, ଜ୍ୟୋସ୍ନାରାଣୀ ସ୍ୱାଇଁ, ମନୋରମା ପାଢ଼ୀ ଆଦି ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

## ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଏବେ ଭୁତ କୋଠରୀ



ସମ୍ବଲପୁର, (ଡିକେ ନ୍ୟୁଜ୍): ନିର୍ମାଣକୁ ବିତିଗଲାଣି ଦୀର୍ଘ ୪ ବର୍ଷ ହେଲେ ବିଭାଗୀୟ ଅବହେଳାରୁ ଏହା କାର୍ଯ୍ୟକ୍ଷମ ହେବା ବଦଳରେ ଭୁତ କୋଠରୀରେ ପରିଣତ ହୋଇଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଠାରେ ନବ ନିର୍ମିତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଓ ଡାକ ବଙ୍ଗଳା। ପୂର୍ତ୍ତ ବିଭାଗର ଅବହେଳା ଏବଂ ମନମୁଖୀ କାର୍ଯ୍ୟ ଯୋଗୁଁ ନିର୍ମାଣର ଦୀର୍ଘ ୪ ବର୍ଷ ପରେ ମଧ ଏହା କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁସାରେ ନାକଟିଦେଉଳ ବ୍ଲକ ପାଇଁ ପୂର୍ତ୍ତ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତ ଅଛନ୍ତି। ତେବେ ଏଠାରେ ବିଭାଗୀୟ କାର୍ଯ୍ୟାଳୟ ନ ଥିବାରୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ରେଢ଼ାଖୋଲରେ ରହି ବିଭାଗୀୟ କାର୍ଯ୍ୟ କରିବା ସହ ନାକଟିଦେଉଳକୁ ମଝିରେ ମଝିରେ ଆସି ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ପ୍ରକଳ୍ପ ଗୁଡିକ ପରିଦର୍ଶନ କରିବା ସହ ତଦାରଖ କରୁଛନ୍ତି। ତେଣୁ ପୂର୍ତ୍ତ ବିଭାଗ କାର୍ଯ୍ୟ ଜନିତ କୌଣସି ଅଭିଯୋଗ କିମ୍ବା କାମ ପାଇଁ ନାକଟିଦେଉଳ ଅଞ୍ଚଳର ଜନସାଧାରଣ ଖର୍ଚ୍ଚାନ୍ତ ହୋଇ ରେଢ଼ାଖୋଲ ଯାଉଥିବା ବେଳେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ହତାଶ ହୋଇ ଫେରି ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ବିଜେଡି ସରକାର ଅମଳରେ ନାକଟିଦେଉଳ ବ୍ଲକ ସଦର ଠାରେ ପୂର୍ତ୍ତ ବିଭାଗର ଏକ କାର୍ଯ୍ୟାଳୟ ସମେତ ଡାକ ବଙ୍ଗଳା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୪ ବର୍ଷ ପୂର୍ବରୁ ନାକଟିଦେଉଳ ମହାବିଦ୍ୟାଳୟ ନିକଟରେ ପ୍ରାୟ ୯୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗର ନୂତନ କୋଠା ନିର୍ମିତ କରାଯାଇଛି। ତେବେ ଏହି ନୂତନ କାର୍ଯ୍ୟାଳୟ ସମେତ ଡାକ ବଙ୍ଗଳାକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ବିଭାଗ ପକ୍ଷରୁ ଯେଉଁ ତତ୍ପରତା ପ୍ରକାଶ ପାଇବା କଥା ବିଭାଗ ସେହି ତତ୍ପରତା ନ ଦେଖାଇ ଖାମ ଖିଆଲି ମନୋଭାବ ନେଇ ଦିନ ଗଡ଼ାଇ ଚାଲିଛି। ଅପର ପକ୍ଷରେ ନାକଟିଦେଉଳ ଠାରେ କୌଣସି ସରକାରୀ ଡାକ ବଙ୍ଗଳା ନ ଥିବାରୁ ବିଭିନ୍ନ ସମୟରେ ସରକାରୀ ଅଧିକାରୀ ଏବଂ ରାଜନୈତିକ ବ୍ୟକ୍ତି ବିଶେଷ ବହୁ ସମୟରେ ହଇରାଣର ସମ୍ମୁଖୀନ ହେଉଛନ୍ତି। ନାକଟିଦେଉଳ ବ୍ଲକକୁ ବହୁ ସମୟରେ କେନ୍ଦ୍ର ମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରୀ, ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀମାନେ ଗସ୍ତ କରୁଛନ୍ତି। କିନ୍ତୁ ସରକାରୀ ବଙ୍ଗଳା ନ ଥିବାରୁ ଏଠାରେ ବିଶ୍ରାମ କରିବା ସହ ସାଧାରଣ ଜନତାଙ୍କ ସହିତ ଦଳୀୟ କର୍ମୀମାନଙ୍କ ସହିତ ଆଲୋଚନା କିମ୍ବା ମିଳା ମିଶା କରିବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଏହି ସୁବିଧାରୁ ବଞ୍ଚିତ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଅପର ପକ୍ଷରେ ଦୀର୍ଘ ୪ ବର୍ଷ ହେଲା ନାକଟିଦେଉଳ ଠାରେ ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ କୋଠା ନିର୍ମାଣ ସରିଥିଲେ ମଧ ଏହାକୁ କାର୍ଯ୍ୟକ୍ଷମ କରାଯାଇ ନ ଥିବାରୁ ବର୍ତ୍ତମାନ ଏହା ଭୁତ କୋଠରୀରେ ପରିଣତ ହୋଇଛି। କାର୍ଯ୍ୟାଳୟ ପରିସର ବିଭିନ୍ନ ଗଛ ଲତାରେ ଭରି ରହିଥିବା ବେଳେ ବୁଲା ଗାଇ ଗୋରୁମାନଙ୍କର ଗୁହାଳ ପାଲଟିଛି। ବର୍ଷା ଦିନେ ଏହି କୋଠାର ଅବସ୍ଥା କହିଲେ ନ ସରେ। ସାପ, ବେଙ୍ଗ, ବୁଲା ଗାଇଗୋରୁ ଓ ବୁଲା କୁକୁରମାନଙ୍କ ଆଶ୍ରୟ ସ୍ଥଳରେ ପରିଣତ ହୋଇଛି। ଏପରିକି ଏହି ନବ ନିର୍ମିତ କୋଠାରେ ଗେଟ ମଧ ଲାଗିନାହିଁ। ତେବେ ପୂର୍ତ୍ତ ବିଭାଗର ଏହି ନବ ନିର୍ମିତ କାର୍ଯ୍ୟାଳୟ ଓ ଡାକ ବଙ୍ଗଳାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ ବିଭିନ୍ନ ସମୟରେ ପୂର୍ତ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ ବିଭାଗୀୟ ଅଧିକାରୀମାନେ ଏହାକୁ କାର୍ଯ୍ୟକ୍ଷମ କରାଇବା ବଦଳରେ ନାହିରେ ଜଡ଼ା ତେଲ ଦେଇ ଶୋଇ ରହିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ଜନସାଧାରଣ ଉପକୃତ ହେବାକୁ ଥିବାବେଳେ ମନ୍ତ୍ରୀ, ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ସରକାରୀ ଉଚ୍ଚ ଅଧିକାରୀମାନେ ମଧ ବିଶ୍ରାମ ନେଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବିଜେଡି ସରକାର ଅମଳରେ ହୋଇଥିବା ଏହି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିର୍ମାଣର ୪ ବର୍ଷ ବିତି ଯାଇଥିବା ବେଳେ ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଶାସନକୁ ଏକ ବର୍ଷ ହୋଇଥିଲେ ମଧ ଏହା କାର୍ଯ୍ୟକ୍ଷମ ନ ହେବା ଅଞ୍ଚଳ ବାସୀଙ୍କ ପାଇଁ ଏହା ଏକ ଉପହାସ ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଇଛି। ଅପର ପକ୍ଷରେ ଯେଉଁଠାରେ ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ସେଠାରେ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଉ ନ ଥିବା ବେଳେ କେତେକ ସ୍ଥାନରେ ପିଚୁ ଉପରେ ପିଚୁ ଢାଳି ରାସ୍ତା ନବୀକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଠିକାଦାର ପୋଷିବାକୁ ବିଭାଗ ପକ୍ଷରୁ ଏହି ଉପାୟ ଅବଲମ୍ବନ କରାଉଥିଲେ ମଧ ନାକଟିଦେଉଳ ଠାରେ ନିର୍ମିତ କାର୍ଯ୍ୟାଳୟ ଓ ଡାକ ବଙ୍ଗଳାକୁ କେଉଁ ପରିସ୍ଥିତିରେ କାର୍ଯ୍ୟକ୍ଷମ କରାଯାଉ ନାହିଁ ତାହା ଏବେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ସାମଲଙ୍କୁ ପଚରା ଯିବାରେ ନାକଟିଦେଉଳ ଠାରେ ଏହି କୋଠା ନିର୍ମାଣ ପାଇଁ ଯେଉଁ ସମୟରେ ଟେଣ୍ଡର ହୋଇଥିଲା ଟେଣ୍ଡର ପାଇଥିବା ସମ୍ପୃକ୍ତ ଠିକାଦାର ଠିକ ସମୟରେ କାର୍ଯ୍ୟ ନ କରି ବିଳମ୍ବରେ କାମ ଆରମ୍ଭ କରିଥିଲା। ଫଳରେ ଏଥିରେ ଏଷ୍ଟିମେଣ୍ଟ ବାହାରେ ବ୍ୟୟ ଅଟକଳ ହୋଇଛି। ଏଥିପାଇଁ ବିଭାଗକୁ ଅର୍ଥ ମଗାଯାଇଛି। ଏହି ଅର୍ଥ ଆସିଲେ ଏହାକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପାକିସ୍ଥାନ ଓ ଆତଙ୍କୀ...

କହିବାକୁ ଚାହୁଁଛି ଯେ ପାକିସ୍ତାନ ଓ ଆତଙ୍କବାଦ ବିରୋଧରେ ଆମ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିନାହୁଁ। ବରଂ ଏହାକୁ ସ୍ଥଗିତ ରଖିଛୁ। ପାକିସ୍ତାନର ପରବର୍ତ୍ତୀ ଆଚରଣ ଉପରେ ଆମର ନଜର ରହିଛି। ସର୍ଜିକାଲ ଷ୍ଟ୍ରାଇକ୍ ପରେ 'ଅପରେସନ ସିନ୍ଦୂର' ଭାରତର ନୀତି। ଯଦି ଆଗକୁ ଆକ୍ରମଣ ହୁଏ, ତା'ହେଲେ ଜବାବ ଆହୁରି ଜୋରଦାର ହେବ। ଆମେ ଆମ ଇଚ୍ଛାରେ ଏହାର ଜବାବ ଦେବୁ। ଆମ ଶୈଳୀ ବିଶ୍ୱ ଦେଖିବ। କୌଣସି ପରମାଣୁ ବ୍ଲାକମେଲିଂକୁ ଭାରତ ସହ୍ୟ କରିବନି। ପରମାଣୁ ଅସ୍ତ୍ର ଧମକରେ ଭାରତ ଡରିବ ନାହିଁ। ଆତଙ୍କୀଙ୍କ ଶେଷକୃତ୍ୟରେ ପାକିସ୍ତାନ ସେନା ଯୋଗଦେଲା। ଏଥିରୁ ପ୍ରମାଣିତ ହେଲା ଏହା ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ। ପୂରା ବିଶ୍ୱ ପାକିସ୍ତାନର ବିକୃତ ରୂପ ଦେଖିଲା। ଏକବିଂଶ ଶତାବ୍ଦୀର ଯୁଦ୍ଧ ସମୟରେ ପୂରା ବିଶ୍ୱ ମେଡ ଇନ ଇଣ୍ଡିଆ ଅସ୍ତ୍ରର ଶକ୍ତି ଦେଖିଲା। ଆତଙ୍କବାଦ ବିରୋଧରେ ଏକାଠି ରହିବା ଗୁରୁତ୍ୱପୂର୍ଣ୍ଣ। ଟେରର ଆଣ୍ଡ ଟକ ଏକାଠି ସମ୍ଭବ ନୁହେଁ। ଟେରର ଓ ଟ୍ରେଣ୍ଡ ଏକାସଙ୍ଗେ ହୋଇପାରିବନି। ପାଣି ଓ ରକ୍ତ ଏକାଠି ବହି ପାରିବ ନାହିଁ।

### ପଣ୍ଡିତ ମୂର୍ମୁ ଏକ...

ଦାୟିତ୍ୱ। ତାଙ୍କ ନାମରେ ଏକ ମେଡିକାଲ କଲେଜ୍ ଖୋଲାଯାଇଛି। ତାଙ୍କ ନାମରେ ଆହୁରି ଅଧିକ ଗବେଷଣା କେନ୍ଦ୍ର, ଶିକ୍ଷାନୁଷ୍ଠାନ ସ୍ଥାପିତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ହେବା। ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର କାର୍ଯ୍ୟକୁ ଆହୁରି ଜୋରଦାର୍ କରାଯିବ। ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ ଯେ, ପଣ୍ଡିତ ମୁର୍ମୁ କେବଳ ଜ୍ଞାନ ଓ ଶିକ୍ଷାର ଅନୁସୂଚକ ନୁହେଁ, ସେ ଜଣେ ଏପରି ବ୍ୟକ୍ତିତ୍ୱ, ଯିଏ ଏହି ଭୂମିର ଅନ୍ତଃସ୍ଥ ମୂଲ୍ୟବୋଧକୁ ଉଜାଗର କରିଛନ୍ତି। ଆମ ସରକାର ଏହି ବିରାଟ ଅବଦାନକୁ ସମ୍ମାନ ଜଣାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛି। ଆମ ସରକାର ରଘୁନାଥ ମୁର୍ମୁଙ୍କ ନାମକୁ ରାଜ୍ୟର ଶିକ୍ଷା ଓ ସଂସ୍କୃତି ନୀତିର ଏକ ଅଭିନ୍ନ ଅଂଶ କରିଛି। ତାଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରି ଆମେ ଏକ ନୂଆ ପିଢ଼ିକୁ ଅନୁପ୍ରେରଣା ଦେଉଛୁ। ପଣ୍ଡିତ ମୁର୍ମୁଙ୍କ ସୃଷ୍ଟି ଓ ଚିନ୍ତାଧାରା ସମସ୍ତ ପିଢ଼ି ପାଇଁ ଏକ ଜୀବନ ଶିକ୍ଷା। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ଯଦି ଆମେ ନିଜ ଭାଷା, ନିଜ ଚିନ୍ତାଧାରା ଓ ନିଜ ସଂସ୍କୃତି ପାଇଁ ସଚେତନ ଓ ସଂଘଠିତ ହେବୁ, ତେବେ କୌଣସି ଶକ୍ତି ଆମକୁ ପଛକୁ ଟାଣିପାରିବ ନାହିଁ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ ଗୋରୁ ଗୋମକେ ଗୋଟିଏ ଏମିତି ଫୁଲ ଥିଲେ, ଯିଏ ମଉଳିବା ପରେ ମଧ ନିଜ ସୁଗନ୍ଧ ପ୍ରସାରି ଚାଲିଛନ୍ତି। ସେହିପରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଣ୍ଡିତ ମୁର୍ମୁଙ୍କୁ ଜଣେ ଅଲୌକିକ ଶକ୍ତିର ଅଧିକାରୀ ବୋଲି କହିଥିବା ବେଳେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ଏହି ଉତ୍ସବ ଯୋଗୁଁ ଆଜି ଇତିହାସ ପୁନର୍ଜୀବିତ ହୋଇ ଉଠିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ଅବସରରେ, ମୁଖ୍ୟମନ୍ତ୍ରୀ, ପ୍ରସିଦ୍ଧ ସାନ୍ତାଳୀ ଭାଷା ଗବେଷକ, ଚୂନଦା ସୋରେନଙ୍କୁ ଗୁରୁ ଗୋମକେ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରିବା ସହିତ ଏକ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚନ କରାଯିବ ସହିତ ପଣ୍ଡିତ ମୁର୍ମୁଙ୍କ ବଂଶଜ ଶ୍ରୀ ଚୁନିୟାନ ମୁର୍ମୁଙ୍କୁ ଓ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ତଥା ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶରାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ସାଂସଦ, ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ, ଜଲେନ ନାଏକ, ସାରସକଣା ବିଧାୟକ, ଭାଦବ ହାଁସଦା, କରଞ୍ଜିଆ ବିଧାୟକ, ପଦ୍ମଚରଣ ହାଇବୁରୁ, ବାରିପଦା ବିଧାୟକ, ପ୍ରକାଶ ସୋରେନ, ବଡ଼ସାହି ବିଧାୟକ, ସନାତନ ବିଜୁଳି ବାଙ୍ଗିରିପୋଷି ବିଧାୟିକା, ସୁଶ୍ରୀ ସଞ୍ଜୀଳି ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ସମ୍ପାଦକ ଇଂ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ମଞ୍ଚସୀନ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

### ହାଇକୋର୍ଟର ନୂଆ ବିଚାରପତି...

ସାଲିସିଟର ଜେନେରାଲ ଭାବେ ଭାରତ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିଲେ। ୨୦୧୮ ମସିହା ଫେବୃୟାରୀ ୧୪ ତାରିଖରେ ତାଙ୍କୁ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ଆଜିର ଶପଥ ଗ୍ରହଣ ଉତ୍ସବରେ ଓଡିଶା ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୋଲିସ କମିଶନର, କଟକ ଡିସିପିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ। ଜଷ୍ଟିସ ଶ୍ରୀପଦ କାର୍ଯ୍ୟରେ ଯୋଗ ଦେବାପରେ ଓଡିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି।

### ୨୪ ଘଣ୍ଟାରେ ଆଣ୍ଡାମାନ...

ଆର୍ଦ୍ରତାରେ ନିରନ୍ତର ବୃଦ୍ଧି, ଦକ୍ଷିଣ-ପଶ୍ଚିମ ପବନକୁ ଶକ୍ତିଶାଳୀ କରିବା ଆଦି ଯାହା ମୌସୁମୀର ଆରମ୍ଭକୁ ସୂଚିତ କରୁଥିବା ପ୍ରମୁଖ ସୂଚନା ପ୍ରଦାନ କରିଥାଏ। ଫଳସ୍ୱରୂପ ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ସହିତ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପର ଅନେକ ଅଂଶରେ ମଧ୍ୟମରୁ ପ୍ରବଳ ବର୍ଷା, ଝଡ଼ବର୍ଷା ଏବଂ ଝଡ଼ ପବନ ହେବାର ସମ୍ଭାବନା ରହିଛି। ପ୍ରତିକୂଳ ପାଗ ଏବଂ ଅଶାନ୍ତ ସମୁଦ୍ର ପରିସ୍ଥିତି ଯୋଗୁଁ ଆଗାମୀ କିଛି ଦିନ ମଧ୍ୟରେ ଏହି ଅଞ୍ଚଳଗୁଡ଼ିକରେ ସମୁଦ୍ରକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଆଣ୍ଡାମାନ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନକୁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଏ, କାରଣ ଏହା ସାଧାରଣତଃ ଭାରତୀୟ ମୁଖ୍ୟଭୂମି, ବିଶେଷକରି କେରଳ ଭଳି ଦକ୍ଷିଣ ରାଜ୍ୟ ଆଡକୁ ମୌସୁମୀର ଧୀରେ ଧୀରେ ଅଗ୍ରଗତି ପାଇଁ ପଥ ପ୍ରସ୍ତୁତ କରେ, ଯେଉଁଠାରେ ସାଧାରଣତଃ ମେ' ମାସ ଶେଷ କିମ୍ବା ଜୁନ୍ ଆରମ୍ଭ ସୁଦ୍ଧା ମୌସୁମୀ ଆରମ୍ଭ ହୋଇଥାଏ।

## ବିଶ୍ୱବିଦ୍ୟାଳୟର ନୂତନ କୋଠା ନିର୍ମାଣରେ ଦୁର୍ନୀତି ଅଭିଯୋଗ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗତ ୨୦୧୭ ମସିହାରେ ବିଶ୍ୱବିଦ୍ୟାଳୟର କୋଠା ନିର୍ମାଣ ପାଇଁ ଦଶକୋଟି ଟଙ୍କା ମଞ୍ଜୁର ହୋଇ ଏହାର ପୂର୍ଣ୍ଣାଙ୍ଗ କଳେବର ପାଇଁ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରାଗଲା ସତ, ହେଲେ କିଛିଦିନ ପରେ ସ୍ଥାନେ ସ୍ଥାନେ କାନ୍ଥ ସବୁ ଫାଟି ଆଁ ହୋଇ ଯାଇଛି ତ ଆଉ କେଉଁଠି କାନ୍ଥରୁ ପଲସ୍ତରା ଖସି ପଡୁଛି। ଏସବୁ ଦେଖିଲେ ମଞ୍ଜୁର ଅର୍ଥରେ ଠିକାଦାର ନିମ୍ନମାନର ନିର୍ମାଣ କାର୍ଯ୍ୟକରି ଟଙ୍କା ଆତ୍ମସାତ କରିଥିବା ଜଣାପଡୁଛି। ଏବେ ପରୀକ୍ଷା ଚାଲୁଥିବାରୁ ଛାତ୍ରଛାତ୍ରୀମାନେ ଠିକରେ ବସି ପରୀକ୍ଷା ଦେଇ ପାରୁନାହାଁନ୍ତି। ଯାଫଳରେ ବହୁ ମେଧାବୀ ଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଛାତ୍ର ନେତା ସାଇ ପ୍ରସାଦ ଗଣମାଧ୍ୟମର ଆଗରେ ବିବୃତ୍ତି ଦେଇଛନ୍ତି। ଯଦି ଏ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସୂଚନା ଦେଇଛନ୍ତି।

## ବାବା ଅମରେଶ୍ୱର ମହାଦେବ ଯଜ୍ଞରେ ହଜାର ହଜାର ଭକ୍ତଙ୍କ ଭିଡ



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବିଶ୍ୱର ମଙ୍ଗଳ ସକାସେ ଗଞ୍ଜାମ ଜିଲ୍ଲା କେ. ବରିଡା ଗ୍ରାମରେ ଚାଲିଥିବା ବାବା ଅମରେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦଯାପିତ ହୋଇଛି। ଦୀର୍ଘ ୧୧ ଦିନ ଚାଲିଥିବା ଯଜ୍ଞରେ ପ୍ରତିଦିନ ପିଠରେ ଲାଗିରହିଥିଲା ହଜାର ହଜାର ଭକ୍ତଙ୍କ ଭିଡ। ଆଉ ଶେଷ ଦିବସରେ ଏକାଦଶ ସମ୍ମିଳନ ପରିବେଶକୁ ଆଧ୍ୟାତ୍ମିକ କରିଥିଲା। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କେ.ବରିଡା ଗ୍ରାମରେ ଚାଲିଥିବା ବାବା ଅମରେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦଯାପିତ ହୋଇଛି। ଶେଷ ଦିବସରେ ବିଭିନ୍ନ ଗ୍ରାମରୁ ଆସିଥିବା ଏକାଦଶ ସମ୍ମିଳନ ମହାସମାରୋହ ବେଶ ଆକର୍ଷଣ ଥିଲା। ସକାଳୁ ସକାଳୁ ବିଭିନ୍ନ ଗ୍ରାମରୁ ଆସିଥିବା ମହାଦେବଙ୍କ ପାଲିଙ୍କିକୁ ବିରାଟ ପଟୁଆରରେ ଅଣାଯାଇ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ପୁରୁଷ ଓ ମହିଳାମାନେ ଫୁଲ ଆଳତି ଭୋଗ ଲଗାଇ ସ୍ୱାଗତ କରିଥିଲେ। ଆଧ୍ୟାତ୍ମିକ ପରିବେଶ ଓ ଭକ୍ତିଭାବ ପରିବେଶ ଫାଲଟିଥିଲା କେ.ବରିଡା ଗ୍ରାମ। ଗ୍ରାମ ସାରା ନୂଆଁ ଲୁଗା ପକାଇ ସଙ୍କୀର୍ତ୍ତନ କରି, ଭଳିକି ଭଳି ବାଜା ବଜାଇ ଗ୍ରାମଦେବତା ବାବା ଅମରେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପହଞ୍ଚିଥିଲେ ଏକାଦଶ ସମ୍ମୁ। ପରେ ସିଧା ଆଳତୀ ପରେ ଏକାଦଶ ସମ୍ମିଳନ ମହାସମାରୋହ ଆୟୋଜିତ ହୋଇଥିଲା। ବାଣ ଫୁଟାଇ ହରିବୋଲ ପକାଇ ସମ୍ମିଳନ ମହାସମାରୋହକୁ ଆନନ୍ଦ ଉଲ୍ଲାସ ସହ ଉପଭୋଗ କରିଥିଲେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ। ଆଉ ଏଭଳି ଦୃଶ୍ୟ ଦେଖି ଭାବବିହ୍ୱଳ ହୋଇଥିଲେ ସମସ୍ତେ। ଦୀର୍ଘ ୧୧ ଦିନ ଧରି ମହାଯଜ୍ଞ ଅବସରରେ ସୂର୍ଯ୍ୟ ପୂଜା, ଗୋ ପୂଜା, ମହାରୁଦ୍ର ଅଭିଷେକ, ଗାୟତ୍ରୀ ପୂଜନ, ଗାୟତ୍ରୀ ହବନ, ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ହୋଇଆସୁଥିଲା। ସକାଳୁ ସୂର୍ଯ୍ୟ ପୂଜା, ଗୋ ପୂଜା ଚାଲୁଥିବା ବେଳେ ସଂଧ୍ୟା ବେଳେ ଘୃତ ଯଜ୍ଞ, ଆଳତି କରାଯାଇ ବିଶ୍ୱର ମଙ୍ଗଳ କାମନା କରାଯାଇଥାଏ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ବିଶ୍ୱରେ ଶାନ୍ତି ବଜାୟ ଲକ୍ଷ୍ୟ ଉଦେଶ୍ୟରେ କରାଯାଇଥିବା ବେଳେ ନେଇ ଗ୍ରାମର ବିଶିଷ୍ଟ ପଣ୍ଡିତ, ଗଞ୍ଜାମ ଜିଲ୍ଲାର ତଥା ଜିଲ୍ଲା ବାହାରୁ ମଧ୍ୟ ବିଦ୍ୱାନ ବ୍ରାହ୍ମଣ ଓ ବରିଷ୍ଠ ସାଧୁସନ୍ଥଙ୍କ ସମାଗମ ହୋଇଥିଲା। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରରୁ ବହୁ ସାଧୁସନ୍ଥମାନେ ଆସି ଯଜ୍ଞର ବିଭିନ୍ନ ବିଧିକୁ ନେଇ ଉପଦେଶ ଦେଇଥିଲେ। ବିଶ୍ୱାଶାନ୍ତି ନେଇ ଏଭଳି ମହାଯଜ୍ଞର ଆୟୋଜନ କରାଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଭଳି ଉନ୍ନତି ହେବ ତାହାକୁ ମଧ ଗୁରୁତ୍ୱ ଦିଆଯାଇଥିଲା। ଏହାସହିତ ସ୍ଥାନୀୟ ଅଞ୍ଚଳବାସୀ କିଭଳି ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିବେ ଓ ସୁଖଶାନ୍ତିରେ ନିଜର ଜୀବନ ବିତାଇପାରିବେ ସେ ନେଇ ମଧ ଏହି ଯଜ୍ଞର କରାଯାଇଥିବା ନେଇ ସୂଚନା ଦେଇଛନ୍ତି ପଣ୍ଡିତମାନେ। ଆଉ ଏହି ଯଜ୍ଞ ର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ ଗ୍ରାମର ସମସ୍ତ ବର୍ଗର ଲୋକ।

# ଟେଷ୍ଟ କ୍ରିକେଟରେ 'ବିରାଟ' ଯୁଗ ଶେଷ

ନୂଆଦିଲ୍ଲୀ, ୧୨।୫ (ହି.ସ): କିଙ୍ଗ। ରନ ମେସିନୟ ଫିନିଶର। ଚେଜ ମାଷ୍ଟର। ଦୀର୍ଘ ସମୟ ଦିନ ଧରି ଚାଲିଥିବା ଚର୍ଚ୍ଚା ସତ ପ୍ରମାଣିତ ହୋଇଛି। ଧଳା ଜର୍ସିରେ ଆଉ ଭାରତ ପାଇଁ କ୍ରିକେଟ ଖେଳିବେ ନାହିଁ ବିରାଟ କୋହଲି। କାରଣ ସୋମବାର ବେଶ ଅପ୍ରତ୍ୟାଶିତ ଢଙ୍ଗରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି। ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜ ପୂର୍ବରୁ ବିରାଟ କ୍ରିକେଟର ଏହି ଲମ୍ବା ଫର୍ମାଟକୁ ଅଲବିଦା କହିଛନ୍ତି। ବିରାଟଙ୍କ ଅବସର ସହ ଟେଷ୍ଟ କ୍ରିକେଟରେ ଗୋଟିଏ ବଡ଼ ଓ ଐତିହାସିକ ଯୁଗର ଅବସାନ ଘଟିଛି। ଦୀର୍ଘ ୧୪ ବର୍ଷ ଧରି ଟେଷ୍ଟ କ୍ରିକେଟରେ ବିରାଟ ସୃଷ୍ଟି କରିଥିବା ନୂଆ ଅଧ୍ୟାୟରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲିଡ୍ସରେ ୫ ଟିକିଆ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହାପୂର୍ବରୁ ୩୬ ବର୍ଷୀୟ ବିରାଟ ଇନଷ୍ଟାଗ୍ରାମରେ ଗୋଟିଏ ବିରାଟ ପୋଷ୍ଟ କରି ଟେଷ୍ଟ କ୍ରିକେଟକୁ ବାଏବାଏ କହିଛନ୍ତି। ଏହାପୂର୍ବରୁ ସେ ୨୦୨୪ ନଭେମ୍ବର ମାସରେ ଟି-୨୦ କ୍ରିକେଟରୁ ଅବସର ନେଇଥିଲେ। ଏବେ ସେ କେବଳ ଭାରତ ପାଇଁ ଦିନିକିଆ ଫର୍ମାଟରେ ନଜର ଆସିବେ। ବିରାଟ ଟେଷ୍ଟ କ୍ରିକେଟରୁ ଅବସର ସମ୍ପର୍କରେ କହିଛନ୍ତି ଯେ ମୁଁ ପ୍ରଥମଥର ଟେଷ୍ଟ କ୍ରିକେଟ ଖେଳିବାକୁ ଇତି ମଧ୍ୟରେ ୧୪ ବର୍ଷ ବିତି ଗଲାଣି। ସତ କହିବାକୁ ଗଲେ, ଏହି ଫର୍ମାଟରେ ମୋର ଯାତ୍ରା ଏମିତି ରହିବ ବୋଲି ମୁଁ କେବେ ହେଲେ କଳ୍ପନା କରି ନଥିଲି। ଏହା ମୋର ପରୀକ୍ଷା ନେଇଛି। ମୋତେ ତିଆରି କରିଛି। ମୋତେ ଏହି ଫର୍ମାଟ ଦେଇଥିବା ଶିକ୍ଷା ମୁଁ ମୋର ଜୀବନ ସାରା ସାଙ୍ଗରେ ଧରି ଚାଲିବି। ଧଳା ଡ୍ରେସରେ ଖେଳିବା ମୋ ସହ ବ୍ୟକ୍ତିଗତ ଭାବେ ଜଡ଼ିତ। ଏହି ଫର୍ମାଟରୁ ଦୂରେଇ ଯିବା ମୋ ପାଇଁ ସହଜ ନୁହେଁ। କିନ୍ତୁ ଏପରି ନିଷ୍ପତ୍ତି ଏବେ ନେବା ଠିକ। ମୁଁ ପାଖରେ ଯାହା ଥିଲା ମୁଁ



ସବୁ କିଛି ଦେଇଥିଲି। ଏହି ଫର୍ମାଟ ମୋତେ ମୋ ଆଶା ଠାରୁ ଅନେକ କିଛି ପ୍ରତିବଦଳରେ ଦେଇଛି। ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି। ମୁଁ ମୋ ଟେଷ୍ଟ କ୍ୟାରିୟରକୁ ସବୁବେଳେ ଗୋଟିଏ ସ୍ମିତ ହାସ୍ୟ ସହ ଦେଖିବି ବୋଲି ବିରାଟ କହିଛନ୍ତି। ଟେଷ୍ଟ କ୍ରିକେଟରେ ଭାରତ ପାଇଁ ୪ର୍ଥ ସର୍ବାଧିକ ରନ ହାସଲକାରୀ ଖେଳାଳି ଭାବେ ବିରାଟ ନିଜର ଅଭିଯାନ ଶେଷ କରିଛନ୍ତି। ତାଙ୍କ ଉପରେ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଓ ସୁନୀଲ ଗାଭାସ୍କର ହିଁ ରହିଛନ୍ତି। ୨୦୧୧ ବିଶ୍ୱ ବିଜେତା ଭାରତୀୟ ଟିମର ସଦସ୍ୟ ଥିବା ବିରାଟ ଟ୍ରଫି ହାତେଇବାର ୨ ମାସ ପରେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ଜାମାଇକାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଡେବ୍ୟୁ କରିଥିଲେ। ଶେଷଥର ପାଇଁ ଚଳିତ ବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆ ବିପକ୍ଷ ନ୍ୟୁୟର ଟେଷ୍ଟରେ ବିରାଟ ଭାରତ ପାଇଁ ନଜର ଆସିଥିଲେ। ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ବର୍ଡର-ଗାଭାସ୍କର ଟ୍ରଫିର ଏହି ଶେଷ ମ୍ୟାଚ୍ ଖେଳାଯାଇଥିଲା। ୧୪ ବର୍ଷ ଧରି ଟେଷ୍ଟ କ୍ରିକେଟରେ ଭାରତକୁ ସେବା ଯୋଗାଇ ଆସୁଥିବା ବିରାଟ ୧୨୩ଟି ମ୍ୟାଚ୍ ଖେଳିଛନ୍ତି। ସେ ୩୦ଟି ଶତକ ଓ ୩୧ଟି ଅର୍ଦ୍ଧଶତକ ସହ ୯୨୩୦ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ଆଭରେଜ ୪୬.୮୫ ରହିଥିଲା। ୨୦୧୯ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପୁଣେ ଟେଷ୍ଟରେ ରେକର୍ଡ ବ୍ରେକିଂ ୨୧୯ ରନର ଇନିଂସ ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବାଧିକ ବ୍ୟକ୍ତିଗତ ରନ। ବିରାଟ ତାଙ୍କ ଟେଷ୍ଟ କ୍ୟାରିୟରରେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। ୨୦୧୪ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଅଧାରୁ ଭାରତର ଅଧିନାୟକ ମହେନ୍ଦ୍ର ସିଂହ ଧୋନି କ୍ୟାପଟେନ୍ସି ଛାଡ଼ି ଦେଇଥିଲେ। ଏହାପରେ ବିରାଟଙ୍କୁ ଭାରତର ଅଧିନାୟକ ନିଯୁକ୍ତ କରାଯାଇଥିଲା। ୨୦୧୮-୧୯ରେ ବିରାଟଙ୍କ ନେତୃତ୍ୱରେ ଭାରତୀୟ ଟିମ ଅଷ୍ଟ୍ରେଲିଆକୁ ତା'ରି ମାଟିରେ ହରାଇଥିଲା। ୨୦୧୧ରେ ଭାରତ ପାଇଁ ଡେବ୍ୟୁ କରିଥିବା ବିରାଟଙ୍କ ଅସଲ ଟେଷ୍ଟ କ୍ରିକେଟର ପରୀକ୍ଷା ୨୦୧୪-୧୫ ଅଷ୍ଟ୍ରେଲିଆ ଟୁରରେ ହୋଇଥିଲା। ସମସ୍ତଙ୍କୁ ଚକିତ କରି ବିରାଟ ଆଡିଲେଟରେ ଟ୍ୱିନ ସେଞ୍ଚୁରୀ ମାରିଥିଲେ। ଏହାପରେ ମେଲବର୍ଣ୍ଣ ଓ ସିଡନୀରେ ମଧ୍ୟ ତାଙ୍କ ବ୍ୟାଟରୁ ଶତକ ବାହାରିଥିଲା। ଏହି ସିରିଜରେ ସେ ୮୬.୫୦ ହାରରେ ୬୯୧ ରନ କରିଥିଲେ। ସେହି ସମୟରେ ସେ ଭାରତୀୟ ଟିମର କ୍ୟାପଟେନ ମଧ୍ୟ ହୋଇଥିଲେ। ବାସ୍ତବରେ ଏହି ସିରିଜରେ ଧୋନି କ୍ୟାପଟେନ ଥିଲେ। କିନ୍ତୁ ଆହତ ସମସ୍ୟା ଯୋଗୁ ସେ ପ୍ରଥମ ଟେଷ୍ଟ ଖେଳି ପାରି ନଥିଲେ। ଫଳରେ ବିରାଟଙ୍କୁ କମାଣ ସମ୍ଭାଳିବାକୁ ପଡ଼ିଥିଲା। ବ୍ରିସବେନରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟରେ ଧୋନି ବ୍ୟାକ କରିଥିଲେ। ମେଲବର୍ଣ୍ଣରେ ମଧ୍ୟ ସେ ଅଧିନାୟକ ହୋଇଥିଲେ। କିନ୍ତୁ ସେ ହଠାତ ଟେଷ୍ଟ ଓ ଟେଷ୍ଟ କ୍ୟାପଟେନ ପଦରୁ ଅବସର ନେଇ ଯାଇଥିଲେ। ଅଷ୍ଟ୍ରେଲିଆ ଟୁର ଅଧାରେ ହିଁ ବିରାଟଙ୍କୁ ଦଳର ସ୍ଥାୟୀ ଅଧିନାୟକ ଭାବେ ନିଯୁକ୍ତି ମିଳିଥିଲା। ବିରାଟଙ୍କ କ୍ୟାପଟେନ୍ସିରେ ଭାରତ ଗୋଟିଏ ନୂଆ ଅଧ୍ୟାୟ ଟେଷ୍ଟ କ୍ରିକେଟରେ ସୃଷ୍ଟି କରିଥିଲା। ଦଳ ୬୮ଟି ମ୍ୟାଚ ଖେଳି ୪୦ଟିରେ ଜିତିଥିବା ବେଳେ କେବଳ ୧୭ଟିରେ ହାରିଥିଲା। ୪୦ଟି ବିଜୟ ସହ ବିରାଟ ଭାରତର ସବୁଠାରୁ ସଫଳ ଅଧିନାୟକ ହେବାର ରେକର୍ଡ କରିଥିଲେ। ତାଙ୍କ ପଛକୁ ୬୦ଟି ମ୍ୟାଚରୁ ୨୭ ବିଜୟ ସହ ଧୋନି ଓ ୪୯ଟି ମ୍ୟାଚରୁ ୨୧ ବିଜୟ ସହ ସୌରଭ ଗାଙ୍ଗୁଲି ରହିଛନ୍ତି। ୨୦୨୨ରେ ସେ ଅଧିନାୟକ ପଦ ଛାଡ଼ିବା ବେଳକୁ ବିଶ୍ୱର ସବୁଠାରୁ ସଫଳ ଅଧିନାୟକ ତାଲିକାର ୪ର୍ଥ ସ୍ଥାନରେ ରହିଥିଲେ। ତାଙ୍କ ଉପରେ ଗ୍ରେମ୍ ସ୍ମିଥ ୫୩, ରିକି ପଣ୍ଟିଂ ୪୮ ଓ ଷ୍ଟିଭ ୱ୍ ୪୧ ବିଜୟ ରହିଛନ୍ତି। ୨୦୧୬ରେ ବିରାଟଙ୍କ ବ୍ୟାଟିଂ ହାର ୭୫.୯୩, ୨୦୧୭ରେ ୭୫.୬୪, ୨୦୧୮ରେ ୫୫.୦୮ ଓ ୨୦୧୯ରେ ୬୮.୦୦ ରହିଥିଲା। ୨୦୧୬ ଓ ୨୦୧୮ ମଧ୍ୟରେ ସେ ୩୫ଟି ଟେଷ୍ଟରେ ୩୫୯୬ ରନ କରିଥିଲେ। ସେ ୫୮ଟି ଇନିଂସରେ ୧୪ଟି ଶତକ ଓ ୮ଟି ଅର୍ଦ୍ଧଶତକ ମାରିଥିଲେ। ଆଜିର ଅବସର ପୂର୍ବରୁ ବିରାଟ ନିଜ ନିଷ୍ପତ୍ତି ସମ୍ପର୍କରେ ଶନିବାର ବିସିସିଆଇକୁ ଅବଗତ କରାଇଥିଲା। ହେଲେ ତାଙ୍କୁ ଇଂଲଣ୍ଡ ଟେଷ୍ଟ ପରେ ଏହା ଉପରେ ବିଚାର କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ବିରାଟ ସୋମବାର ବିଧିବଦ୍ଧ ଭାବେ ଅବସର ଘୋଷଣା କରିଛନ୍ତି। କୋହଲିଙ୍କ ପୂର୍ବରୁ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଏବେ ଦୁଇ ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତିରେ ଭାରତୀୟ ଟିମ ଇଂଲଣ୍ଡରେ ଟେଷ୍ଟ ସିରିଜ ଖେଳିବ। ସେହିପରି ଆଗକୁ ଅଧିନାୟକ କିଏ ହେବେ, ତା' ଉପରେ ମଧ୍ୟ ନଜର ରହିଛି।

# ପୁଣି ଭାରତ ବିରୋଧରେ ବିଷ ଓଗାଳିଲେ ଶାହିଦ ଆଫ୍ରିଦି



ଇସଲାମାବାଦ୍, ୧୨।୫ (ହି.ସ): ଭାରତୀୟ ସେନା 'ଅପରେଶନ ସିନ୍ଦୂର' ମାଧ୍ୟମରେ ପାକିସ୍ତାନକୁ ଏକ ଶିକ୍ଷା ଦେଇଥିଲା। କିନ୍ତୁ ପାକିସ୍ତାନ ଏବେ ବି ତାର ପରାଜୟକୁ ହଜମ କରିପାରୁନାହିଁ। ପୁଣିଥରେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦ ଆଫ୍ରିଦି ଭାରତ ବିରୋଧରେ ଗୋଟିଏ ପରେ ଗୋଟିଏ ବିଷ ଓଗାଳିବା ଆରମ୍ଭ କରିଛନ୍ତି। ପାକିସ୍ତାନ ସେନାର ପ୍ରଶଂସା କରି ସେ କହିଛନ୍ତି, ଏହା ଭାରତୀୟ ଆକ୍ରମଣର ଏକ ନିର୍ଣ୍ଣାୟକ ଜବାବ। ନୂଆଦିଲ୍ଲୀ ଇସଲାମାବାଦକୁ କମ ଆକଳନ କରିଛି। କରାଚୀର ସି ଭ୍ୟୁରେ ଆୟୋଜିତ ୟୁମ-ଏ-ତାଶାକୁର (କୃତଜ୍ଞତା ଦିବସ) ରାଲିରେ ଭାଷଣ ଦେଇ ଆଫ୍ରିଦି କହିଛନ୍ତି, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁଦ୍ଧ ପ୍ରତି ଆଗ୍ରହ ଭାରତକୁ ଏକ ସମସ୍ୟାରେ ପକାଇ ଦେଇଛି। ପ୍ରଧାନମନ୍ତ୍ରୀ ମୋଦି ଏବେ ଅନୁଭବ କରିଛନ୍ତି ଯେ ପାକିସ୍ତାନର ମୁକାବିଲା କରିବା କେତେ ମହଙ୍ଗା ପଡ଼ିପାରେ। ପୂର୍ବରୁ ଶାହିଦ ଆଫ୍ରିଦିଙ୍କ ଘରର ଏକ ଭିଡିଓ ସାମ୍ନାକୁ ଆସିଥିଲା, ଯେଉଁଥିରେ ଘର ଉପରେ ପାକିସ୍ତାନର ପତାକା ଉଡୁଥିଲା। ପ୍ରବଳ ପବନ ମଧ୍ୟରେ, ଶାହିଦ ଆଫ୍ରିଦିଙ୍କୁ ତାଙ୍କ ଘରର ଉପରେ ବୁଲୁଥିବାର ଦେଖାଯାଇଥିଲା ଏବଂ ଏକ ବୋତଲରୁ କିଛି ପିଉଥିବାର ମଧ୍ୟ ଦେଖାଯାଇଥିଲା। ସେ କ୍ୟାପସନରେ ଲେଖିଛନ୍ତି, ମୋର ଆଶା, ମୋର ବିଶ୍ୱାସ, ମୋର ସାହସ, ମୋର ଶକ୍ତି ଏବଂ ମୋର ଭବିଷ୍ୟତ। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାର ୧୫ ଦିନ ପରେ, ଭାରତ 'ଅପରେଶନ ସିନ୍ଦୂର' ମାଧ୍ୟମରେ ଏହାର ପ୍ରତିଶୋଧ ନେଇଥିଲା। ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ୯୦ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ପହଲଗାମରେ ଆତଙ୍କବାଦୀଙ୍କ କାପୁରୁଷୋଚିତ କାର୍ଯ୍ୟ ପରଠାରୁ ଶାହିଦ ଆଫ୍ରିଦି ବିଷ ଓଗାଳି ଆସୁଛନ୍ତି। ସେ ଏହି ଆକ୍ରମଣ ପାଇଁ ଭାରତୀୟ ସେନାକୁ ଦାୟୀ କରିଥିଲେ। ଯାହା ପରେ ଶିଖର ଧାୱନଙ୍କ ସମେତ ଅନେକ ଭାରତୀୟ କ୍ରିକେଟର ତାଙ୍କୁ ଚୁପ କରାଇ ଦେଇଥିଲେ।

# ୧୬ରୁ ପୁଣି ଆରମ୍ଭ ହେବ ଆଇପିଏଲ୍ !

## ସୀମିତ ଭେନ୍ୟୁରେ ଖେଳାଯିବ ମ୍ୟାଚ୍, କେନ୍ଦ୍ର ସରକାରଙ୍କ ଅନୁମତିକୁ ଅପେକ୍ଷା

ନୂଆଦିଲ୍ଲୀ, ୧୨।୫ (ହି.ସ): ଭାରତ-ପାକିସ୍ତାନ ସୀମାରେ ଭୟାବହ ସ୍ଥିତିକୁ ଦୃଷ୍ଟିରେ ରଖି ଆଇପିଏଲକୁ ଏକ ସପ୍ତାହ ସ୍ଥଗିତ ଘୋଷଣା କରାଯାଇଥିଲା। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ନେଇ ସହମତି ପ୍ରକାଶ ପାଇବା ପରେ ପୁଣି ଆଇପିଏଲ ଆରମ୍ଭ କରିବା ନେଇ ବିସିସିଆଇ ଯୋଜନା କରୁଛି। କେନ୍ଦ୍ର ସରକାର ଅନୁମତି ଦେଲେ ଆସନ୍ତା ୧୬ କିମ୍ବା ୧୭ ତାରିଖରୁ ଲିଗର ଅବଶିଷ୍ଟ ମ୍ୟାଚ୍ ଖେଳାଯିବ। ଗତ ୮ ତାରିଖରେ ଧର୍ମଶାଳାରେ ଆଇପିଏଲର ୫୮ତମ ମ୍ୟାଚ୍ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳ ଚାଲିଥିଲା। ପଠାନକୋଟରେ ପାକିସ୍ତାନ ପଟୁ ମିସାଇଲ ମାଡ଼ କରାଯିବା ପରେ ୧୦.୧ ଓଭର ଖେଳ ପରେ ମ୍ୟାଚକୁ ବାତିଲ କରାଯାଇ ଦର୍ଶକଙ୍କୁ ଷ୍ଟାଡିୟମରୁ ବାହୁଡ଼ି ଯିବାକୁ କୁହାଯାଇ ଥିଲା। ତେବେ ଏହି ମ୍ୟାଚ୍ ପୁଣି ଥରେ ଖେଳାଯିବ କି ନାହିଁ ସେ ବିଷୟରେ କିଛି ନିଷ୍ପତ୍ତି ନିଆଯାଇ ନାହିଁ। ଷ୍ଟାଡିୟମରେ ଫ୍ଲଡ୍ ଲାଇଟ ବନ୍ଦ କରି ଦିଆଯାଇଥିଲା। ଖେଳାଳି ଏବଂ ଖେଳ ସହ ଜଡ଼ିତ ସମସ୍ତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା। ପରଦିନ ଏକ ସ୍ୱତନ୍ତ୍ର ରେଳରେ ସେମାନଙ୍କୁ ଦିଲ୍ଲୀ ଅଣା ଯାଇଥିଲା। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, 'ଆମେ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବା ନେଇ ପ୍ରସ୍ତୁତ ରହିଛୁ। କେନ୍ଦ୍ର ସରକାର ଅନୁମତି ଦେଲେ ସୂଚୀ ପ୍ରକାଶିତ ହୋଇ ଖେଳ ଆରମ୍ଭ ହୋଇଯିବ।' ଭେନ୍ୟୁକୁ ନେଇ ଭିନ୍ନ ଭିନ୍ନ କଥା ଜାତୀୟ ଗଣମାଧ୍ୟମରେ ଆଲୋଚନା ହେଉଛି। କିଛି ଗଣମାଧ୍ୟମ କହୁଛନ୍ତି, କେବଳ କୋଲକାତା, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ ଓ ବିଶାଖାପଟନମରେ ଅବଶିଷ୍ଟ ମ୍ୟାଚ୍ ଖେଳାଯିବ। ପୁଣି କିଛି ମତ ଦେଉଛନ୍ତି ଯେ, କେବଳ ଧର୍ମଶାଳାକୁ ବାଦ ଦେଇ ଅବଶିଷ୍ଟ ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହେବ। ଅବଶିଷ୍ଟ ୧୨ଟି ଲିଗ୍ ଏବଂ ୪ଟି ପ୍ଲେ ଅଫ୍ ମ୍ୟାଚ୍ ପାଇଁ ୩ଟି ଭେନ୍ୟୁ ଯଥେଷ୍ଟ ବୋଲି କୁହାଯାଉଛି। ତେଣୁ କେବଳ ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦରେ ବାକି ମ୍ୟାଚ୍ ଗୁଡ଼ିକ ଖେଳାଯାଇ ପାରେ। ୭ଟି ଦଳ ପ୍ଲେଅଫ୍ ଦୌଡ଼ରେ ରହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ, ସନ୍ରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ଦୌଡ଼ରୁ ବାଦ ପଡ଼ିସାରିଛନ୍ତି। ଆଇପିଏଲ୍ ପୁନଃ ଆରମ୍ଭ ହେବା ବିଷୟରେ ହୁଏତ ମଙ୍ଗଳବାର ସୁଦ୍ଧା ସ୍ପଷ୍ଟ ଚିତ୍ର ଜଣା ପଡ଼ିବ। ଟୁର୍ଣ୍ଣାମେଣ୍ଟକୁ ଏକ ସପ୍ତାହ ସ୍ଥଗିତ ଘୋଷଣା ହେବା ପରେ ବିଦେଶୀ ଖେଳାଳି ସ୍ୱଦେଶ ବାହୁଡ଼ି ଯାଇଛନ୍ତି। ଫ୍ରାଞ୍ଚାଇଜମାନେ ଖେଳାଳିମାନଙ୍କ ସହ ଯୋଗାଯୋଗ କରୁଛନ୍ତି ଏବଂ ପୁଣି ଫେରି ଆସି ଦଳରେ ଯୋଗ ଦେବାକୁ କହିଲେଣି। ଗୁରୁବାର ସୁଦ୍ଧା ଖେଳାଳିମାନେ ନିଜ ନିଜ ଦଳରେ ଯୋଗ ଦେବା ଆରମ୍ଭ କରିବେ ବୋଲି ଜଣା ପଡ଼ିଛି। ଯଦି ଆସନ୍ତା ୧୬ କିମ୍ବା ୧୭ ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୁଏ ତେବେ ଚଳିତ ମାସ ୩୦ କିମ୍ବା ଜୁନ୍ ପହିଲାରେ ଫାଇନାଲ ଖେଳାଯିବ। ଅଧିକ ବିଳମ୍ବ କଲେ ଟୁର୍ଣ୍ଣାମେଣ୍ଟ ଶେଷ କରିବା କଷ୍ଟକର ହୋଇ ପଡ଼ିବ। କାରଣ ଆସନ୍ତା ମାସରେ ଭାରତୀୟ ଦଳ ଟେଷ୍ଟ ଖେଳିବା ନେଇ ଇଂଲଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

# ଆଫଗାନିସ୍ତାନରେ ବ୍ୟାନ୍ ହେଲା ଚେସ୍

ନୂଆଦ, ୧୨।୫ (ହି.ସ): ଆଫଗାନିସ୍ତାନରେ ତାଲିବାନ ସରକାର ଚେସ୍ ଖେଳକୁ ବ୍ୟାନ୍ କରିଛନ୍ତି। ଏଠାରେ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଚେସ୍ ଖେଳକୁ ନିଷିଦ୍ଧ କରାଯାଇଛି। ତାଲିବାନ ଭୟ କରୁଛି ଯେ ଏହି ଖେଳ ଜୁଆ ଖେଳର ଏକ ମାଧ୍ୟମ ପାଲଟିଛି। ଯେଉଁଥି ପାଇଁ ପ୍ରଥମେ ଏହାର ତଦନ୍ତ କରାଯିବ ଯେ ଇସଲାମିକ ଆଇନ ଅନୁସାରେ ଏହାକୁ ଖେଳିବା ଠିକ୍ କି ନାହିଁ, ସେହି ଆଧାରରେ ଏହାକୁ ସବୁଦିନ ପାଇଁ ନିଷିଦ୍ଧ କରାଯିବ ନଚେତ ନିଷେଧ ପ୍ରତ୍ୟାହାର କରାଯିବ। କ୍ରୀଡ଼ା ନିର୍ଦ୍ଦେଶାଳୟର ମୁଖପାତ୍ର ଅଟଳ ମାଶୱାନୀ କହିଛନ୍ତି ଶରିଆ (ଇସଲାମିକ ଆଇନ)ରେ ଚେସକୁ ଜୁଆର ଏକ ପ୍ରକାର ଭାବରେ ବିବେଚନା କରାଯାଏ। ଯାହା ଗତ ବର୍ଷ ପ୍ରଣୟନ ହୋଇଥିବା ଏକ ଆଇନ ଅନୁଯାୟୀ ଏହାକୁ ନିଷିଦ୍ଧ କରାଯାଇଛି। ସେ କହିଛନ୍ତି, ଚେସ୍ ଖେଳ ସମ୍ପର୍କରେ ଧାର୍ମିକ ମତାମତ ଅଛି... ଯେପର୍ଯ୍ୟନ୍ତ ଏହି ମତାମତଗୁଡ଼ିକୁ ସମାଧାନ କରାଯାଇନାହିଁ, ସେପର୍ଯ୍ୟନ୍ତ ଆଫଗାନିସ୍ତାନରେ ଚେସ୍ ଖେଳକୁ ନିଷିଦ୍ଧ କରାଯାଇଛି। ତେବେ ଆଫଗାନିସ୍ତାନରେ ଏହା ପ୍ରଥମ ଖେଳ ନୁହେଁ ଯାହାକୁ ତାଲିବାନ ନିଷିଦ୍ଧ କରିଛି। ଗତ ବର୍ଷ, ତାଲିବାନ ବୃତ୍ତିଗତ ପ୍ରତିଯୋଗିତାରେ ମିଶ୍ରିତ ମାର୍ଶାଲ ଆର୍ଟ (ଏମ୍ଏମ୍ଏ) ଭଳି ଫ୍ରିଷ୍ଟାଇଲ୍ ଫାଇଟକୁ ନିଷିଦ୍ଧ କରିଥିଲା।



# ଟ୍ରୋଲ ହେବାପରେ ପୋଷ୍ଟ ଡିଲିଟ କଲେ ସଲମାନ



ନୂଆଦିଲ୍ଲୀ, ୧୨।୫ (ହି.ସ): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଗତ ଶନିବାର ସନ୍ଧ୍ୟାରେ ଚାରି ଘଣ୍ଟା ଧରି ଅସ୍ତ୍ରବିରତି ହୋଇଥିଲା। ଏହି ସମୟରେ ଅନେକ ତାରକା ନିଜନିଜ ପ୍ରତିକ୍ରିୟା ଦେଇଥିଲେ। ଏହି କ୍ରମରେ ସଲମାନ ଖାନ ମଧ୍ୟ ଏକ ପୋଷ୍ଟ ସେୟାର କରିଥିଲେ। ପୋଷ୍ଟ ସେୟାର କରିବାର କିଛି ସମୟ ପରେ ସଲମାନ ଟ୍ରୋଲ ହୋଇଥିଲେ। ଏହାପରେ ସଲମାନ ସେୟାର କରିଥିବା ପୋଷ୍ଟକୁ ତୁରନ୍ତ ଡିଲିଟ କରି ଦେଇଛନ୍ତି। ଗତଶନିବାର ସନ୍ଧ୍ୟାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାରି ଘଣ୍ଟା ପାଇଁ ଅସ୍ତ୍ରବିରତି ବଳବତ୍ତର ରହିଥିଲା। ଏହାପରେ ଅନେକ ଚଳଚ୍ଚିତ୍ର କଳାକାର ଅସ୍ତ୍ରବିରତି ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ ଏବଂ ଏହାକୁ ସ୍ୱାଗତ କରିଥିଲେ। ଅଭିନେତା ସଲମାନ ଖାନ ମଧ୍ୟ ଏକ ପୋଷ୍ଟ ସେୟାର କରିଥିଲେ କିନ୍ତୁ କିଛି ମିନିଟ୍ ପରେ ତାହାକୁ ଡିଲିଟ୍ କରିଦେଇଥିଲେ। ଏହି ଟ୍ୱିଟ୍ ଓ ଟ୍ୱିଟ ଡିଲିଟ ପାଇଁ ତାଙ୍କୁ ଟ୍ରୋଲ୍ କରାଯାଉଛି। ସଲମାନ ଖାନଙ୍କ ଟ୍ୱିଟର ଏକ ସ୍କ୍ରିନସଟ୍ ଇଣ୍ଟରନେଟରେ ଭାଇରାଲ ହେଉଛି। ସଲମାନ ଏକ୍ସ ଆକାଉଣ୍ଟ (ପୂର୍ବରୁ ଟ୍ୱିଟର)ରେ ପୋଷ୍ଟ ସେୟାର କରି ଲେଖିଥିଲେ, ଅସ୍ତ୍ରବିରତି ପାଇଁ ଭଗବାନଙ୍କୁ ଧନ୍ୟବାଦ। ଏହି ପୋଷ୍ଟକୁ ସଲମାନ କିଛି ସମୟ ମଧ୍ୟରେ ଡିଲିଟ୍ କରିଦେଇଥିଲେ। ସଲମାନଙ୍କ ଏଭଳି ପୋଷ୍ଟକୁ ନେଇ ଲୋକେ ପ୍ରତିକ୍ରିୟା ଦେଇ କହିଛନ୍ତି 'ପହଲଗାମ ଉପରେ କୌଣସି ଟ୍ୱିଟ୍ ନାହିଁ, କିନ୍ତୁ ସଲମାନ ଖାନ ଯୁଦ୍ଧବିରତିରେ ବହୁତ ଖୁସି। ସଲମାନ ଖାନ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସମର୍ଥନ କରୁଛନ୍ତି। ସଲମାନ ଖାନ ଭାରତୀୟ ସେନାର ସମର୍ଥନରେ ଟ୍ୱିଟ୍ କରି ନଥିଲେ, କିନ୍ତୁ ଏବେ ଯୁଦ୍ଧବିରତି ଘୋଷଣା ପରେ ତୁରନ୍ତ ପୋଷ୍ଟ ସେୟାର କରିଥିଲେ। ତାହାକୁ ପୁଣି ଡିଲିଟ କରି ଦେଇଛନ୍ତି। ସଲମାନଙ୍କ ପାଇଁ ବୋଧେ ହୁଏ ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିଥିବା ଉତ୍ତେଜନା ସାଧାରଣ କଥା।

# ପାକିସ୍ତାନୀଙ୍କୁ କ୍ଷମା ମାଗିବାର ପୋଷ୍ଟ ଡିଲିଟ କଲେ ରଣବୀର

ନୂଆଦିଲ୍ଲୀ, ୧୨।୫ (ହି.ସ): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ରହିଛି। ଏଭଳି ସମୟରେ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆ ସେୟାର କରିଥିବା ଏକ ପୋଷ୍ଟ ପୁଣି ବିବାଦରେ ରହିଛି। ଏହି ପୋଷ୍ଟରେ ରଣବୀର ପାକିସ୍ତାନୀଙ୍କୁ କ୍ଷମା ମାଗିଥିବା ନଜର ଆସିଛି। ମଇ ୧୦ ତାରିଖରେ ରଣବୀର ଆଲ୍ଲାବାଦିଆ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଅନେକ ପୋଷ୍ଟ ସେୟାର କରିଥିଲେ। ଏହି ପୋଷ୍ଟଗୁଡ଼ିକ ମଧ୍ୟରୁ ଗୋଟିଏରେ ସେ ପାକିସ୍ତାନର ଜନସାଧାରଣଙ୍କୁ କ୍ଷମା ମାଗିଥିବାର ନଜର ଆସିଥିଲେ। ରଣବୀର ଲେଖିଥିଲେ, ପ୍ରିୟ ପାକିସ୍ତାନୀ ଭାଇ ଏବଂ ଭଉଣୀମାନେ ମୁଁ ଭାରତୀୟଙ୍କଠାରୁ ଘୃଣା ପାଇବି, କିନ୍ତୁ ଏହା କହିବା ଗୁରୁତ୍ୱପୂର୍ଣ୍ଣ। ଅନେକ ଭାରତୀୟଙ୍କ ପରି ମୋ ହୃଦୟରେ ମଧ୍ୟ ତୁମ ପ୍ରତି ଘୃଣା ନାହିଁ। ଆମ ମଧ୍ୟରୁ ଅନେକ ଲୋକେ ଶାନ୍ତି ଚାହୁଁଛନ୍ତି। ଆପଣଙ୍କ ଦେଶ ସରକାର ଦ୍ୱାରା ପରିଚାଳିତ ନୁହେଁ। ଆପଣଙ୍କ ଦେଶ ସେନା ଏବଂ ଆଇଏସଆଇ ଦ୍ୱାରା ପରିଚାଳିତ। ସ୍ୱାଧୀନତା ପରଠାରୁ ଏହି ଦୁଇ ଖଳନାୟକ ତୁମର ଅର୍ଥନୀତିକୁ କ୍ଷତି ପହଞ୍ଚାଇଛନ୍ତି। ସେମାନେ ଭାରତରେ କ୍ରମାଗତ ଆତଙ୍କବାଦୀ ଆକ୍ରମଣ ପାଇଁ ମଧ୍ୟ ଦାୟୀ ଅଛନ୍ତି। ଯଦି ଆପଣଙ୍କୁ ଲାଗୁଛି କି ଆମେ ଘୃଣା ପ୍ରସାର କରୁଛୁ ତେବେ ମୁଁ ହୃଦୟରୁ ଦୁଃଖିତ। ଏହି ପୋଷ୍ଟକୁ ନେଇ ବିବାଦ ହେବାପରେ ରଣବୀର ଏପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। କିନ୍ତୁ ଏହାର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରଣବୀରଙ୍କ ପୋଷ୍ଟର ପ୍ରତିକ୍ରିୟା ଦେଇ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଲେଖିଛନ୍ତି, 'ତୁମେ ଜେଲରେ ଥିଲ ଭଲ ଥିଲ।' ଆଉ ଜଣେ ଲେଖିଛନ୍ତି, 'ତୁମେ ପାକିସ୍ତାନରେ ରହିବା ଉଚିତ। କରିଥିବା ପୋଷ୍ଟକୁ କାହିଁକି ଡିଲିଟ କଲ।'



# ଅମିତାଭ ପହଲଗାମ ଆକ୍ରମଣ ଓ ସିନ୍ଦୂରକୁ ନେଇ କବିତା ମାଧ୍ୟମରେ ଜଣାଇଲେ ପ୍ରତିକ୍ରିୟା



ନୂଆଦିଲ୍ଲୀ, ୧୨।୫ (ହି.ସ): ଜମ୍ମୁ କଶ୍ମୀରର ପହଲଗାମରେ ଏପ୍ରିଲ ୨୨ ତାରିଖରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରି ୨୬ ଜଣଙ୍କୁ ହତ୍ୟା କରିଥିଲେ। ଆତଙ୍କବାଦୀଙ୍କ ଏହି ଆକ୍ରମଣର ଜବାବ ଭାରତୀୟ ସେନା ମଇ ୭ ତାରିଖରେ 'ଅପରେସନ୍ ସିନ୍ଦୂର' ଜରିଆରେ ଦେଇ ଦେଇଛନ୍ତି। ଭାରତର ଏହି ଅପରେସନରେ ପାକିସ୍ତାନ ଥରହର ହୋଇ ଉଠିଥିଲା। ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା। 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ଭାରତର ସୈନ୍ୟ ପାକିସ୍ତାନର ସମସ୍ତ ଡ୍ରୋନକୁ ମାରି ଖସାଇ ଦେଇଥିଲେ। ଭାରତର ଏହି ବଡ଼ ପଦକ୍ଷେପ ପରେ, ଅନେକ ଭାରତୀୟ କଳାକାର ସେନା ଏବଂ ସରକାରଙ୍କ ପ୍ରଶଂସା କରିଥିଲେ, କିନ୍ତୁ ଅମିତାଭ ବଚ୍ଚନ ଏପର୍ଯ୍ୟନ୍ତ ନୀରବ ରହିଥିଲେ। ସମ୍ପ୍ରତି ବିଗ୍ ବି ଏକ୍ସରେ ପହଲଗାମ୍ ଆକ୍ରମଣ ଏବଂ 'ଅପରେସନ୍ ସିନ୍ଦୂର' ଉପରେ କବିତା ମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ଛୁଟି କାଟିବା ସମୟରେ, ସେହି ରାକ୍ଷସ, ନିର୍ଦ୍ଦୋଷ ଦମ୍ପତିଙ୍କୁ ଟାଣି, ସ୍ୱାମୀଙ୍କୁ ଉଲଗ୍ନ କରି ଗୁଳି କରିଥିଲା, ଏହି ସମୟରେ ପତ୍ନୀ ଆଣ୍ଠୁମାଡ଼ି କାନ୍ଦି କାନ୍ଦି ତାଙ୍କ ସ୍ୱାମୀଙ୍କୁ ହତ୍ୟା ନକରିବାକୁ ଅନୁରୋଧ କରିବା ପରେ ମଧ୍ୟ; ସେହି କାପୁରୁଷ ରାକ୍ଷସ ତାଙ୍କ ସ୍ୱାମୀଙ୍କୁ ନିର୍ମମ ଭାବରେ ଗୁଳି କରିଥିଲା, ସ୍ତ୍ରୀ ବିଧବା ହୋଇଗଲେ! ଯେତେବେଳେ ସ୍ତ୍ରୀ କହିଲା ମୋତେ ମଧ୍ୟ ମାରିଦିଅ!! ସେ ରାକ୍ଷସ କହିଲା 'ନା!' ତୁମେ ଯାଇ ... କୁହ! ଏସବୁର କଡ଼ା ପ୍ରତିଶୋଧ ନେଲା ଅପରେସନ ସିନ୍ଦୂର। ଜୟ ହିନ୍ଦ, ଜୟ ହିନ୍ଦ କି ସେନା, ଏହା କେବେ ବନ୍ଦ ହେବ ନାହିଁ, ଏହା କେବେ ପଛକୁ ଫେରିବ ନାହିଁ; ତୁମେ କେବେ ମୁଣ୍ଡ ନୁଆଁଇବ ନାହିଁ, କର ଶପଥ, କର ଶପଥ, କର ଶପଥ! ଅଗ୍ନିପଥ! ଅଗ୍ନିପଥ! ଅଗ୍ନିପଥ!!!'

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik